୨୦୧୯-୨୦୨୦ ବର୍ଷ ପାଇଁ ଶକ୍ତି ବିଭାଗର କାର୍ଯ୍ୟାବଳୀ

ତତ୍କାଳୀନ ଜଳସେଚନ ଓ ବିଦ୍ୟୁତ୍ ବିଭାଗ ଭାଗ ହୋଇ ୧୯୯୦ ମସିହା ଏପ୍ରିଲ ୨୪ ତାରିଖରେ ଶକ୍ତି ବିଭାଗ ସୃଷ୍ଟି ହେଲା । ଆର୍ଥିକ ପ୍ରଗତି ତଥା ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଦ୍ୟୁତ୍ ଅପରିହାର୍ଯ୍ୟ ଅଟେ । ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ରାଜ୍ୟରେ ବୃଦ୍ଧି ପାଉଥିବା ଶିଳ୍ପାୟନ, ସମସ୍ତ ପରିବାରଙ୍କୁ ବିଦ୍ୟୁତ୍ ଯୋଗାଣ ଓ କୃଷିର ଆବଶ୍ୟକତା ମେଣ୍ଟାଇବା ଲକ୍ଷ୍ୟରେ ଶକ୍ତି କ୍ଷେତ୍ରକୁ ସ୍ୱାବଲମ୍ବୀ କରାଯାଇ ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ଓଡିଶା ସରକାର ଉକ୍ତ କ୍ଷେତ୍ରରେ ସଂସ୍କାର ଆଣିଥିଲେ ।

ରାଜ୍ୟରେ ବର୍ତ୍ତମାନ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ନିମ୍ନରେ ସୂଚୀତ ହୋଇଛି ।

୧. ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷମତା	– ୧୮୬୪ ମେଗାୱାଟ୍
୨. ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷମତା (ଓ.ପି.ଜି.ସି, ଟି.ଟି.ପି.ଏସ୍ ଓ ଆଇ.ପି.ପି)	– ୨୮୭୭ ମେଗାୱାଟ୍
୩. କେନ୍ଦ୍ରୀୟ ଅଂଶ (ଜଳ ବିଦ୍ୟୁତ୍)	– ୨୬୮ ମେଗାୱାଟ୍
୪. କେନ୍ଦ୍ରୀୟ ଅଂଶ (ତାପଜ ବିଦ୍ୟୁତ୍)	-- ୧୦୦୮ ମେଗାୱାଟ୍
୫. ନୂତନ ତଥା ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା	– ୬୧୧ ମେଗାୱାଟ୍
ମୋଟ୍	**– ୬୬୨୮ ମେଗାୱାଟ୍**

ଶକ୍ତି ବିଭାଗ ଅଧିନରେ ବର୍ତ୍ତମାନ ୫ଟି ମୁଖ୍ୟ ଦପ୍ତର କାର୍ଯ୍ୟ କରୁଅଛି ଯଥା:-

(୧) ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

(୨) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ସେଣ୍ଟ୍ରାଲ୍ ଜୋନ୍)

(୩) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ସାଉଥ୍ ଜୋନ୍)

(୪) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ନର୍ଥ ଇଷ୍ଟ୍ ଜୋନ୍)

(୫) ମୁଖ୍ୟ ଯନ୍ତ୍ରୀ ତଥା ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ (ଓ୍ୱେଷ୍ଟର୍ଣ୍ଣ ଜୋନ୍)

ଏତଦ୍ ବ୍ୟତିତ ଏହି ବିଭାଗ ଅଧିନରେ ୭ଟି ସରକାରୀ ନିଗମ ଯଥା ଓଡିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (OHPC), ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ (OPGC), ଓଡିଶା ଶକ୍ତି ସଞ୍ଚରଣ ନିଗମ ଲିମିଟେଡ୍ (OPTCL), ଗ୍ରୀଡକୋ ଲିମିଟେଡ୍ (GRIDCO), ଓଡିଶା ତାପଜ ନିଗମ ଲିମିଟେଡ୍ (OTPCL), ଓଡିଶା ସବୁଜଶକ୍ତି ଉନ୍ନୟନ ନିଗମ (GEDCOL) ଏବଂ ଓଡିଶା କୋଇଲା ଓ ଶକ୍ତି ନିଗମ (OCPL) କାର୍ଯ୍ୟ କରୁଛନ୍ତି । ଶକ୍ତି ବିଭାଗରେ କାର୍ଯ୍ୟକାରୀ ହୋଇଥିବା ଯୋଜନା ଓ ନିଗମ ମାନଙ୍କର କାର୍ଯ୍ୟାବଳୀ ସଂକ୍ଷିପ୍ତରେ ପ୍ରଦାନ କରାଗଲା ।

ରାଜସ୍ୱ ଆଦାୟ, ବୈଦ୍ୟୁତିକ ନିରୀକ୍ଷଣ/ ଲାଇସେନ୍ସ ପ୍ରଦାନ

ରାଜସ୍ୱ ଆଦାୟ, ବିଦ୍ୟୁତ୍ ନିରୀକ୍ଷଣ, ବୈଦ୍ୟୁତିକ ଲାଇସେନ୍ସ୍ ପ୍ରଦାନ ଏବଂ ବିଦ୍ୟୁତ୍ ଦୁର୍ଘଟଣା ଇତ୍ୟାଦି କାର୍ଯ୍ୟ ଗୁଡିକର ତଦାରଖ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ।

ବିଦ୍ୟୁତ୍ ଶୁଳ୍କ ଓଡିଶା ସରକାରଙ୍କର ଏକ ପ୍ରଧାନ ରାଜସ୍ୱ । ବିଦ୍ୟୁତ୍ ଉପଭୋକ୍ତା ମାନଙ୍କଠାରୁ ବିଦ୍ୟୁତ୍ ବ୍ୟବହାର, ବିଦ୍ୟୁତ୍ ସୁରକ୍ଷା ଯାଞ୍ଚ, ବୈଦ୍ୟୁତିକ ଉପକରଣମାନ ପରୀକ୍ଷଣ ଏବଂ ବୈଦ୍ୟୁତିକ କାର୍ଯ୍ୟ କୁଶଳତା ନିମନ୍ତେ ଅନୁମତି ପତ୍ର ପ୍ରଦାନ ବାବଦରେ ରାଜସ୍ୱ ଆଦାୟ କରାଯାଏ । ଆର୍ଥିକ ବର୍ଷ ୨୦୧୮-୧୯ ରେ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ

ଟ.୨୪୦୦.୦୦ କୋଟି ଟଙ୍କା ଥିବା ସ୍ଥଳେ, ୨୦୧୮-୧୯ ଶେଷ ସୁଦ୍ଧା ସର୍ବମୋଟ ଟ.୩୨୫୮.୬୧ କୋଟି ଟଙ୍କା ଆଦାୟ କରାଯାଇଛି ।

ଗତ ଚାରି (୨୦୧୬-୧୭ ରୁ ୨୦୧୯-୨୦) ଆର୍ଥିକ ବର୍ଷର ରାଜସ୍ୱ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଆଦାୟ ହୋଇଥିବା ରାଜସ୍ୱର ଏକ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

୨୦୧୬-୧୭ ରୁ ୨୦୧୯-୨୦

କ୍ର.ନଂ	ବର୍ଷ	ଧାର୍ଯ୍ୟ ଲକ୍ଷ୍ୟ (କୋଟିରେ)	ଆଦାୟ ରାଜସ୍ୱ (କୋଟିରେ)	ମନ୍ତବ୍ୟ
୧	୨୦୧୬-୧୭	୧୫୦୦.୦୦	୧୬୩୮.୧୬	ନନ୍-କ୍ୟାପଟିଭ୍, କ୍ୟାପଟିଭ୍ ବିଦ୍ୟୁତ୍ ଶୁଳ୍କ ଏବଂ ନିରୀକ୍ଷଣ ଫିସ୍ ବାବଦରେ ଆଦାୟ କରାଯାଇଥିବା ଶୁଳ୍କ * ବକେୟା ବିଦ୍ୟୁତ୍ ଶୁଳ୍କ ବାବଦରେ
୨	୨୦୧୭-୧୮	୧୯୦୦.୦୦	୧୯୬୭.୪୮	
୩	୨୦୧୮-୧୯	୨୪୦୦.୦୦	୩୨୫୮.୬୧	
୪	୨୦୧୯-୨୦	୩୦୦୦.୦୦	୨୦୭୬.୭୭୮୯ (ଡିସେମ୍ବର, ୨୦୧୯ ସୁଦ୍ଧା)	

ପ୍ରତିବର୍ଷ ଆଦାୟ ହେଉଥିବା ରାଜସ୍ୱର ପରିମାଣ ନିୟମିତ ଭାବରେ ବୃଦ୍ଧି ଘଟିଛି । ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ଟ.୩୦୦୦.୦୦ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟ ଥିବା ସ୍ଥଳେ ଡିସେମ୍ବର, ୨୦୧୯ ଶେଷ ସୁଦ୍ଧା ଟ.୨୦୭୬.୭୭୮୯ କୋଟି ଆଦାୟ କରାଯାଇଛି ।

ଗ୍ରାମ୍ୟ ବିଦ୍ୟୁତିକରଣ ଯୋଜନା

ବିଜୁ ଗ୍ରାମ ଜ୍ୟୋତି ଯୋଜନା

ଶହେରୁ କମ୍ ଜନସଂଖ୍ୟା ବିଶିଷ୍ଟ ପଡାଗ୍ରାମ/ ଦଳିତବସ୍ତିକୁ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ପରିପ୍ରେକ୍ଷୀରେ ଏହି ଗ୍ରାମ ଗୁଡିକର ବିଦ୍ୟୁତିକରଣ ପାଇଁ ଓଡିଶା ସରକାର ବିଜୁ ଗ୍ରାମ ଜ୍ୟୋତି ନାମକ ଏକ ନୂତନ ଯୋଜନା ୨୦୦୭-୦୮ ଆର୍ଥିକ ବର୍ଷଠାରୁ ପ୍ରଚଳନ କରିଅଛନ୍ତି । ଏକାଦଶ ପଞ୍ଚବାର୍ଷିକ ଯୋଜନାରେ ୧୦ ହଜାର ଗ୍ରାମ/ ପଡାଗ୍ରାମ/ ବସ୍ତିକୁ ବିଦ୍ୟୁତିକରଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା । ଅଦ୍ୟାବଧି ସମ୍ପୂର୍ଣ୍ଣ ଲକ୍ଷ୍ୟ ପଡାଗ୍ରାମ/ ବସ୍ତିକୁ ବିଦ୍ୟୁତିକରଣ କରାଯାଇଛି । ରାଜ୍ୟ ସରକାର ଏହି ଯୋଜନାରେ ଟ.୧୩୮୮.୦୦ କୋଟି ଟଙ୍କା ଜିଲ୍ଲା ଗୁଡିକୁ ଯୋଗାଇ ଦେଇଛନ୍ତି; ତନ୍ମଧ୍ୟରୁ ଅଦ୍ୟାବଧି ଟ.୯୬୫.୬୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୨୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୫୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୭୫.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା

ଶହେ କିମ୍ବା ତଦୁର୍ଦ୍ଧ୍ୱ ଜନସଂଖ୍ୟା ଥିବା ସମସ୍ତ ଗ୍ରାମ/ ପଡାଗ୍ରାମ/ ଦଳିତବସ୍ତି ମାନଙ୍କୁ ଜାତୀୟ ସାଧାରଣ ସର୍ବନିମ୍ନ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ଭାରତ ସରକାର ଏପ୍ରିଲ୍, ୨୦୦୫ ରେ ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା ପ୍ରଚଳନ କରିଅଛନ୍ତି । ଏହି ଯୋଜନା ପାଇଁ ଗ୍ରାମ୍ୟ ବିଦ୍ୟୁତିକରଣ ନିଗମ (REC) ଯୋଗାଇ ଦେଉଥିବା ସମସ୍ତ ପାଣ୍ଠିର ୯୦% କେନ୍ଦ୍ର ସରକାରଙ୍କର ପୁଞ୍ଜି ସାହାଯ୍ୟ (Capital Subsidy) ଏବଂ ୧୦% ରାଜ୍ୟ

ସରକାରଙ୍କର ଋଣ ଅଟେ । REC ଏହି ପ୍ରକଳ୍ପ ପାଣ୍ଠିକୁ NTPC, NHPC ଓ PGCIL କୁ କାର୍ଯ୍ୟ ସମ୍ପାଦନ ନିମିତ୍ତ ଯୋଗାଇ ଦେଉଛନ୍ତି ।

୧୦ମ ଓ ୧୧ଶ ଯୋଜନା ଅବଧି ମଧ୍ୟରେ ବିଦ୍ୟୁତିକରଣ ହୋଇନଥିବା ୧୪୪୦୨ ଗୋଟି ଗ୍ରାମରେ ବିଦ୍ୟୁତିକରଣ ତଥା ୨୬୩୫୩ ଟି ଆଂଶିକ ବିଦ୍ୟୁତିକରଣ (Partially Electrified) ଗ୍ରାମରେ ବିଦ୍ୟୁତିକରଣ କରାଯାଇଛି ଓ ୨୮୭୬୧୪୯ ବି.ପି.ଏଲ୍ ଘର ଗୁଡିକରେ ବିପିଏଲ୍ କିଟ୍ ସ୍ଥାପନ କରାଯାଇ ଅଦ୍ୟାବଧି ୨୩୧୫୬୦୫ ସଂଖ୍ୟକ ଗୃହକୁ ବିଦ୍ୟୁତ୍ ସଂଯୋଗ କରାଯାଇଅଛି ।

ଦ୍ୱାଦଶ ଯୋଜନା ମଧ୍ୟରେ ଅଦ୍ୟାବଧି ୩୧୪୪ ଗ୍ରାମ ଓ ୧୬୫୩୩ ପଡା ଗ୍ରାମଗୁଡିକର ବିଦ୍ୟୁତିକରଣ ପାଇଁ କେନ୍ଦ୍ର ସରକାର ଟ.୩୫୫୦.୭୫ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଉକ୍ତ ଯୋଜନାରେ ଓଡିଶା ସରକାର ଋଣଭାର ପରିଶୋଧ କରିବା ପାଇଁ ଆର୍ଥିକ ବର୍ଷ ୨୦୧୭-୧୮ ରେ ଟ.୧୨୫.୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଆର୍ଥିକ ବର୍ଷ ୨୦୧୮-୧୯ ରେ ଟ.୧୨୫.୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦୧୨.୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

<u>ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା</u>

ଜୀବନର ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀ, ବିଦ୍ୟୁତ୍ କୁ ସହରାଞ୍ଚଳର ୧୦୦ ଜଣରୁ କମ୍ ବାସ କରୁଥିବା ଅଞ୍ଚଳକୁ ଯୋଗାଇଦେବା ପାଇଁ ଓଡିଶା ସରକାରଙ୍କ (ଶକ୍ତି ବିଭାଗ) ବିଜୁ ସହରାଞ୍ଚଳ ବିଦ୍ୟୁତିକରଣ ଯୋଜନା, ଦୀର୍ଘ ମିଆଦୀ ସୂତ୍ରରେ ୨୦୧୦-୧୧ ଆର୍ଥିକ ବର୍ଷରୁ ପ୍ରଚଳନ କରିଅଛନ୍ତି । ଏହି ଯୋଜନାରେ ଅଣବିଦ୍ୟୁତିକରଣ ଗ୍ରାମ/ ବସ୍ତି/ ୱାର୍ଡ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରାଯାଇଛି । ୫ଟି ମ୍ୟୁନିସିପାଲିଟି କର୍ପୋରେସନ୍, ୬୧ଟି ଏନ୍.ଏ.ସି ଓ ୪୫ଟି ମ୍ୟୁନିସିପାଲିଟିକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁ ରହିଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

<u>ନୂତନ ୩୩/୧୧ କେ.ଭି ସବ୍-ଷ୍ଟେସନ୍ ନିର୍ମାଣ</u>

ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟ ମାନର ବିଦ୍ୟୁତ୍ ଶକ୍ତି ଯୋଗାଇଦେବା ପାଇଁ ତଥା ଗ୍ରାମାଞ୍ଚଳରେ କ୍ଷୀଣ ବିଜୁଳି ଆଲୋକ (Low Voltage) ସମସ୍ୟାର ଦୂରୀକରଣ ପାଇଁ ରାଜ୍ୟ ସରକାର ଅଧିକ ୪୭୩ ଗୋଟି ୩୩/୧୧ କେ.ଭି ସବ୍-ଷ୍ଟେସନ୍ ର ନିର୍ମାଣ ନିମନ୍ତେ ସର୍ବୋମୋଟ ଟ.୩୮୪୩.୦୦ କୋଟି ଟଙ୍କାର କାର୍ଯ୍ୟକାରୀ ସଂସ୍ଥା ଓ.ପି.ଟି.ସି.ଏଲ୍ କୁ ଦାୟିତ୍ୱ ଦେଇଛନ୍ତି । ଏଥିପାଇଁ ଆର୍ଥିକ ବର୍ଷ ୨୦୧୭-୧୮ ରେ ଟ.୭୮୧.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଓ.ପି.ଟି.ସି.ଏଲ୍ ମାଧ୍ୟମରେ ଉପରୋକ୍ତ ସବ୍-ଷ୍ଟେସନ୍ ଗୁଡିକ କାର୍ଯ୍ୟକାରୀ ହେଲା ପରେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ହସ୍ତାନ୍ତର କରାଯିବ । ଏହା ଦ୍ୱାରା ବିଦ୍ୟୁତ୍ ବିତରଣ କମ୍ପାନୀ ଗୁଡିକର ବିଦ୍ୟୁତ୍ ପରିବହନ ଜନିତ କ୍ଷତି କମିବା ସହ ଆର୍ଥିକ ବୋଝ କମିପାରିବ । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୫୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ କାର୍ଯ୍ୟ ଚାଲୁ ରହିଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୪୪୩.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଶକ୍ତି ସଂରକ୍ଷଣ

ଶକ୍ତି ସଂରକ୍ଷଣ ଏବଂ ଶକ୍ତି ଦକ୍ଷତାକୁ ଆମ ଜାତୀୟ ଶକ୍ତି ନୀତିରେ ମୁଖ୍ୟ ସ୍ଥାନ ଦିଆ ଯାଇଛି | ଆମ ଦେଶର ଶକ୍ତି ଚାହିଦା ଏବଂ ଶକ୍ତି ଯୋଗାଣ ମଧ୍ୟରେ ଥିବା ତାରତମ୍ୟକୁ କମାଇବା ପାଇଁ ଶକ୍ତି ଦକ୍ଷତା ଏବଂ ଶକ୍ତି ସଂରକ୍ଷଣ ଏକ ମୁଖ୍ୟ ସାଧନ ଅଟେ | ଏହି ଜାତୀୟ ଲକ୍ଷ୍ୟ ପୂରଣ ପାଇଁ ଭାରତ ସରକାରଙ୍କର ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (BEE), ରାଜ୍ୟ ସରକାର ଏବଂ ରାଜ୍ୟ ପ୍ରାଧିକରଣସଂସ୍ଥା (SDA) ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକ୍ରମ କରାଯାଉଅଛି |

ଉପରୋକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ସମସ୍ତ ବ୍ୟକ୍ତିବିଶେଷ ଏବଂ ସଂସ୍ଥାମାନଙ୍କ ଉଦ୍ୟମରେ ଶକ୍ତି ସଂରକ୍ଷଣର ଉଦ୍ଦେଶ୍ୟ ସାଧିତ ହେବା ଅତ୍ୟନ୍ତ ଜରୁରୀ | ଜଣେ ବ୍ୟକ୍ତିବିଶେଷ କିମ୍ବା ଛୋଟ ଦୋକାନୀ, କୃଷକ ବା କଳକାରଖାନା ମାଲିକ ଯେଉଁମାନେକି ଶକ୍ତି ବ୍ୟବହାର ଏବଂ ଉତ୍ପାଦନ ସହିତ ସଂଶ୍ଳିଷ୍ଟ ଅଛନ୍ତି, ସେମାନେ ସମସ୍ତେ ଏହି ମହାନ୍ କାର୍ଯ୍ୟରେ ଯୋଗଦାନ ଦେଇପାରିବେ |

ରାଜ୍ୟରେ ଶକ୍ତି ସଂରକ୍ଷଣ ଏବଂ ଏହାର କାର୍ଯ୍ୟକାରିଣୀ ନିମନ୍ତେ ବିଶେଷ ଯୋଜନା ଗୁଡିକର ବିବରଣୀ ନିମ୍ନରେ ପ୍ରଦତ୍ତ ହେଲା |

୧. PAT ଯୋଜନା ଅର୍ନ୍ତଗତ PAT Cycle –V ରେ ଓଡିଶାର ଶିଳ୍ପରେ ଶକ୍ତି ସଂରକ୍ଷଣର ଉନ୍ନତିକରଣ ନିମନ୍ତେ ୬୪ଟି ଶକ୍ତି ସଘନ ଶିଳ୍ପକୁ "Designated Consumer" ହିସାବରେ ପଞ୍ଜିକୃତ କରାଯାଇଛି | ପ୍ରଥମ PAT Cycle (୨୦୧୨-୧୫) ଅନ୍ତର୍ଗତ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟସ୍ତରରେ ୮.୬୭ Mtoe ର ଉର୍ଜା ସଂଚୟ କରାଯାଇଛି |

୨. ଏଲ୍.ଇ.ଡି. ଅଭିଯାନ : ଘରୋଇ ଏବଂ ରାସ୍ତା ଆଲୋକିକରଣ ନିମନ୍ତେ ଶକ୍ତିଦକ୍ଷ LED ଲାଇଟ ର ବ୍ୟବହାର କୁ ତ୍ୱରାନ୍ୱିତ କରିବା ପାଇଁ, ଭାରତ ସରକାରଙ୍କର ସଂସ୍ଥା EESL ମାଧ୍ୟମରେ "ଉଜ୍ଜଳା" କାର୍ଯ୍ୟକ୍ରମ ପରିଚାଳିତ ହେଉଅଛି, ଏହି କାର୍ଯ୍ୟକ୍ରମରେ ତା.୨୯.୧୧.୨୦୧୯ ସୁଦ୍ଧା ୫.୨୨ କୋଟି LED ବଲବ୍ ଘରୋଇ ଉପଭୋକ୍ତା ମାନଙ୍କୁ ଯୋଗାଇ ଦିଆଯାଉଛି ଯାହାଦ୍ୱାରା ୬୭୮୦.୯୭୩ ମିଲିୟନ୍ ୟୁନିଟ୍ ଶକ୍ତି ସଞ୍ଚୟ ହେବା ସହ ୧୩୫୮ ମେଗାୱାଟ୍ ସର୍ବୋଚ୍ଚ ଚାହିଦା (peak demand) ଏଡାଇ ଦିଆଯାଇପାରିଛି | ସାରା ରାଜ୍ୟରେ ଉଜ୍ଜଳା କାର୍ଯ୍ୟକ୍ରମ ମାଧ୍ୟମରେ ୧.୫୯ ଲକ୍ଷ LED ଟ୍ୟୁବ୍ ଲାଇଟ୍ ଏବଂ ୩୭,୪୭୦ଟି ଶକ୍ତି ଦକ୍ଷ BEE ତାରକା ଚିହ୍ନିତ ପଙ୍ଖା ଯୋଗାଇ ଦିଆଯାଇଛି |

୩. ଶକ୍ତି ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଓମ୍‌ଫେଡ୍ ଭୁବନେଶ୍ୱର ଡାଏରି ସଂସ୍ଥାରେ RIF (Revolving Investment Fund) ସ୍କିମ୍ ମାଧ୍ୟମରେ ଶକ୍ତି ଦକ୍ଷତା ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ଆବଶ୍ୟକ ପାଣ୍ଠି ଯୋଗାଇ ଦିଆଯାଇଛି | ଏହି ପ୍ରକଳ୍ପ ଅନୁଯାୟୀ ଆବଶ୍ୟକ ଅଦକ୍ଷ ଉପକରଣକୁ ଦକ୍ଷ ଉପକରଣରେ ପୁନଃସ୍ଥାପନ ଓ ବଏଲର୍ ପୁନଃସ୍ଥାପନା କାର୍ଯ୍ୟ ସଂମ୍ପୂର୍ଣ୍ଣ ହୋଇସାରିଛି ଏବଂ ଏହାଦ୍ୱାରା ୧୦-୧୨ % ଶକ୍ତି ଦକ୍ଷତା ବୃଦ୍ଧିର ଆଶା କରାଯାଉଅଛି |

୪. ଏଜିଡି.ଏସ୍.ମ୍. : ଓଡିଶା ଉଠା ଜଳସେଚନ ନିଗମ ମାଧ୍ୟମରେ ୩୭୧୫ ସଂଖ୍ୟକ (୫ ରୁ ୧୫ ଅଶ୍ୱ ଶକ୍ତି ବିଶିଷ୍ଟ) ଅଦକ୍ଷ ପାଣିପମ୍ପକୁ ବି.ଇ.ଇ. ତାରକା ଚିହ୍ନିତ ଦକ୍ଷ ପମ୍ପ ସହ ପୁନଃସ୍ଥାପନା କାର୍ଯ୍ୟ ଶେଷ କରାଯାଇଛି | ଏହି କାର୍ଯ୍ୟ ଅନୁଯାୟୀ ୧୫ ମିଲିୟନ୍ ୟୁନିଟ୍ ର ଶକ୍ତି ସଂଞ୍ଚୟ ହୋଇପାରିଛି |

୫. ଶକ୍ତି ସଂରକ୍ଷଣ ପ୍ରକଳ୍ପ ପ୍ରଦର୍ଶନ: ଶକ୍ତି ଦକ୍ଷତାର ଉନ୍ନତି ନିମନ୍ତେ ଦୁଇଟି ପର୍ଯ୍ୟାୟରେ ବହୁତ ପୁରୁଣା ଓ ଅଦକ୍ଷ ପାଣି ପମ୍ପଗୁଡିକୁ ପରିବର୍ତ୍ତନ କରି ନୂତନ ଶକ୍ତିଦକ୍ଷ ପମ୍ପ ପାନୀୟଜଳ ଯୋଗାଣ ପ୍ରକଳ୍ପ ଗୁଡିକରେ ସ୍ଥାପିତ କରାଯାଇଛି | ପ୍ରଥମ ପର୍ଯ୍ୟାୟରେ ୪ଟି ପ୍ରକଳ୍ପ ଶେଷ ହୋଇ ୯.୬୧ ମିଲିୟନ ୟୁନିଟ୍ ଶକ୍ତି ସଂରକ୍ଷଣ ଓ ୪.୮୮ ମେଗାୱାଟ୍ କ୍ଷମତା

ନିବାରଣ କରାଯାଇପାରିଛି | ଦ୍ୱିତୀୟ ପର୍ଯ୍ୟାୟର ୯ଟି ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ଦ୍ୱାରା ୮.୧୫ ମିଲିୟନ ୟୁନିଟ୍ ଶକ୍ତି ସଂରକ୍ଷଣ ଏବଂ ୪.୧୪ ମେଗାୱାଟ୍ କ୍ଷମତା ନିବାରଣ ହୋଇପାରିବ |

୬. ଶକ୍ତି ସଂରକ୍ଷଣ ସଚେତନତାର ପ୍ରସାର ନିମନ୍ତେ ୧୨୦ଟି "ଶକ୍ତି କ୍ଲବ୍" ସ୍କୁଲ ମାନଙ୍କରେ ଖୋଲାଯାଇଛି ଯାହାଦ୍ୱାରା ଛାତ୍ରଛାତ୍ରୀ ମାନେ ନିତିଦିନିଆ ପାଠପଢା ସହିତ ଶକ୍ତି ସଂରକ୍ଷଣ କାର୍ଯ୍ୟକ୍ରମ କରିପାରିବେ ଏବଂ ଏଥିପାଇଁ ପାଣ୍ଠି ଯୋଗାଇ ଦିଆଯାଉଅଛି |

୭. ଜାତୀୟ ଜନସଚେତନତା ଅଭିଯାନ ଅନ୍ତର୍ଗତ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖରେ ପ୍ରତ୍ୟେକ ବ୍ଲକ୍, ଜିଲ୍ଲା ଏବଂ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯାଉଅଛି | ଜଙ୍ଗଲ ଓ ପର୍ଯ୍ୟାବରଣ ବିଭାଗ ଅଧିନସ୍ତ ପର୍ଯ୍ୟାବରଣ ଶିକ୍ଷାକେନ୍ଦ୍ର (CES) ଏବଂ ଓଡିଶା ସରକାରଙ୍କ ସହାୟତାରେ ସ୍କୁଲ ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି |

୮. ବାଲିଯାତ୍ରାରେ ମଧ୍ୟ ଶକ୍ତି ଦକ୍ଷତାର ଜନସଚେତନତା ନିମନ୍ତେ ଶକ୍ତି ସଂରକ୍ଷଣ ଷ୍ଟଲ୍ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପଦକ୍ଷେପମାନ ଗ୍ରହଣ କରାଯାଇଛି |

୯. ସ୍କୁଲ ପିଲାଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ସଚେତନତା ସୃଷ୍ଟି କରିବା ପାଇଁ ୧୪ ନଭେମ୍ବର ଦିନ "ସୁରଭି" କାର୍ଯ୍ୟକ୍ରମ ମାଧ୍ୟମରେ ଶକ୍ତି ସଂରକ୍ଷଣ ବାର୍ତ୍ତା ଲେଖାଥିବା ୩୦୦୦ ଟି- ସାର୍ଟ୍ ଓ ଟୋପି ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ସମୂହ ରାଲିରେ ପ୍ରଦାନ କରାଗଲା | ଶକ୍ତି ସଂରକ୍ଷଣର ସଚେତନତା ପାଇଁ ଏସ୍.ଡି.ଏ, ଓଡିଶାର ବାର୍ତ୍ତାକୁ ଫେସବୁକ୍ ଏବଂ ୟୁଟ୍ୟୁବ୍ ଦ୍ୱାରା ଗଣମାଧ୍ୟମରେ ପହଞ୍ଚାଇ ଦିଆଯାଉଛି |

୧୦. ଏକ ତିନିସ୍ତରୀୟ ଏମ୍ଓୟୁ, ବିଇଇ, ଏସ୍ଡିଏ ଏବଂ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ମଧ୍ୟରେ ସ୍ୱାକ୍ଷରିତ କରାଯାଇଛି, ଯାହାଦ୍ୱାରା ଶକ୍ତି ବିତରଣ କମ୍ପାନୀ (ଯଥା: ସେସୁ, ନେସ୍କୋ, ସାଉଥ୍କୋ) ଦ୍ୱାରା ଶକ୍ତି ଦକ୍ଷତାର ଅଭିଯାନ ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଛି | ବିଦ୍ୟୁତ୍ ବଣ୍ଟନ କମ୍ପାନୀ ମାନଙ୍କର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର FICCIର ସହାୟତାରେ ବ୍ରହ୍ମପୁର, ଜୟପୁର, ଭୁବନେଶ୍ୱର ଓ ବାଲେଶ୍ୱର ଠାରେ କରାଯାଇଛି | ଶକ୍ତି ଓ ଶିଳ୍ପ ପେଶାଦାର, ବଏଲର୍ ଅପରେଟର୍ ଓ ଆର୍ଥିକ ସଂସ୍ଥା ମାନଙ୍କର ମଧ୍ୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି |

୧୧. କୃଷକ ଏବଂ ମୋଟର ପରିଚାଳକ ମାନଙ୍କ ଦକ୍ଷତା ବୃଦ୍ଧି ସକାଶେ ଓଡିଶାର ୩୧ଟି କୃଷକ ବିଜ୍ଞାନ କେନ୍ଦ୍ର (KVK) ମାଧ୍ୟମରେ OUAT ସହାୟତାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଯୋଜନା କରାଯାଉଅଛି |

୧୨. "ଓଡିଶା ରାଜ୍ୟ ଶକ୍ତି ସଂରକ୍ଷଣ ପୁରସ୍କାର", ରାଜ୍ୟର ବିଭିନ୍ନ ବିଭାଗ ଯଥା MSME, IT ସଂସ୍ଥା, ଡାକ୍ତରଖାନା, ଶିକ୍ଷା ପ୍ରତିଷ୍ଠାନ, ବୈଷୟିକ ଗୃହ ଓ ହୋଟେଲ ମାନଙ୍କୁ ଦିଆଯାଏ, ଯେଉଁମାନେ ଶକ୍ତିର ଉଚିତ୍ ବ୍ୟବହାର ଓ ସଂରକ୍ଷଣ ଦିଗରେ ପ୍ରୟାସ କରିଥାନ୍ତି |

୧୩. ଓଡିଶା ସରକାରଙ୍କ ଦ୍ୱାରା ୨୦୧୧ ମସିହାରେ ରାଜ୍ୟର ଗୃହ ନିର୍ମାଣ କ୍ଷେତ୍ରରେ ଶକ୍ତି ସଂରକ୍ଷଣ ଅଧିନିୟମ ୨୦୦୧ କୁ ଲାଗୁ କରିବାପାଇଁ " ଓଡିଶା ଶକ୍ତି ସଂରକ୍ଷଣ ଗୃହ ନିର୍ମାଣ କୋଡ୍ (OECBC)" ପ୍ରବର୍ତ୍ତନ କରାଯାଇଛି | ରାଜ୍ୟ ପଦାଧିକାରୀ ସଂସ୍ଥା (SDA) ଦ୍ୱାରା ECBC-୨୦୧୭ ଅନୁଯାୟୀ, OECBC ନିୟମ ଓ ଅଧିନିୟମର ପରିବର୍ତ୍ତନ

ନିମନ୍ତେ ଆବଶ୍ୟକୀୟ ଖସଡା ଶକ୍ତି ବିଭାଗ କୁ ପ୍ରଦାନ କରାଯାଇଛି | ଏହା ଅଧିନିୟମରେ ଅନ୍ତର୍ଭୁକ୍ତ ହେଲେ ଉକ୍ତ ନିୟମଟିର କାର୍ଯ୍ୟକାରିତାରେ ସହାୟକ ହେବ |

୧୪. ରାଜ୍ୟର ବିଭିନ୍ନ ଜଳ ବିଦ୍ୟୁତ୍ କେନ୍ଦ୍ରର ବସତି ଅଞ୍ଚଳ ଅନ୍ତର୍ଗତ ରାସ୍ତା ଆଲୋକିକରଣ ନିମନ୍ତେ ଶକ୍ତି ଦକ୍ଷ ଆଲୋକର ବ୍ୟବହାର ଦ୍ୱାରା ଶକ୍ତି ସଂରକ୍ଷଣ ନିମନ୍ତେ କାର୍ଯ୍ୟକ୍ରମ ନିଆଯାଇଛି |

<u>ମାନକ ନମୁନା ପରୀକ୍ଷଣ ପ୍ରୟୋଗଶାଳା (Standard Testing Laboratory)</u>

STL ଓଡିଶାର ଏକମାତ୍ର ଏବଂ ମର୍ଯ୍ୟାଦାପୂର୍ଣ୍ଣ ବୈଦ୍ୟୁତିକ ପରୀକ୍ଷାଗାର ଅଟେ । ଏହା ଭୁବନେଶ୍ୱରରେ ଅବସ୍ଥିତ । ଏଠାରେ ବିଭିନ୍ନ ପ୍ରକାରର ବିଦ୍ୟୁତ୍ ଉପକରଣ ମାନଙ୍କର ପରିକ୍ଷଣ ଓ କ୍ରମାଙ୍କନ (Calibration) ଦ୍ୱାରା ମାନ ନିର୍ଦ୍ଧାରଣ କରି ମାନପତ୍ର ପ୍ରଦାନ କରାଯାଏ । ଏହା କଳ କାରଖାନା, ପରିବହନ ଓ ବିତରଣ କମ୍ପାନୀ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ସେବା ଯୋଗାଇଥାଏ | ଏହା ଛଡା କୌଣସି ପରିସ୍ଥିତିରେ ଯୋଗାଣ କଂମ୍ପାନୀ ଓ ଉପଭୋକ୍ତାଙ୍କ ମଧ୍ୟରେ ବିବାଦ ଉପୁଜିଲେ ବିଶେଷ କରି ଏନର୍ଜି ମିଟର କ୍ଷେତ୍ରରେ STL, ଯେକି ବୈଧାନିକ ଅଧିକାରଯୁକ୍ତ, ତାର ପରୀକ୍ଷାଗାରରେ ମିଟର ପରୀକ୍ଷା କଲାପରେ ଉପକରଣର ମାନ ସ୍ଥିର ହୋଇ ସମାଧାନ ହୋଇଥାଏ । ଏହା ମଧ୍ୟ ISO/ IEC ୧୭୦୨୫: ୨୦୦୫ ଅନ୍ତର୍ଗତ NABL ଦ୍ୱାରା ସ୍ୱୀକୃତପ୍ରାପ୍ତ ଅଟେ |

<u>କ୍ଷୁଦ୍ର / ଅତିକ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ</u>:

ନବୀକରଣୀୟ ଶକ୍ତିର ଉପଯୋଗ ସାରା ଦେଶରେ ଶକ୍ତି ଆବଶ୍ୟକତା ଓ ଯୋଗାଣ ମଧ୍ୟରେ ତାରତମ୍ୟ ଏବଂ ଓଡିଶାରେ ତାପଜ ଶକ୍ତିରୁ ଉତ୍ପନ୍ନ ଶକ୍ତି ଉପରେ ନିର୍ଭରତା କମାଇବା ପାଇଁ ଅନେକ ଗୁରୁତ୍ୱ ବହନ କରେ | ରାଜ୍ୟ ନବୀକରଣ ଅଧିନିୟମ ୨୦୧୬ ରେ Renewable Purchase Obligation (RPO) କୁ ଦୃଷ୍ଟିରେ ରଖି ୨୦୨୨ ସୁଦ୍ଧା ୧୫୦ ମେଗାୱାଟ୍ କ୍ଷମତାର ଶକ୍ତି ଯୋଗ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି | କ୍ଷୁଦ୍ର ଜଳ ବିଦ୍ୟୁତ୍, ସବୁଜ ଶକ୍ତି ଅନ୍ତର୍ଗତ ଏବଂ ଏହା ବାୟୁ ମଣ୍ଡଳର ପ୍ରଦୂଷଣକୁ ନିବାରଣ କରିବାରେ ସହାୟକ |

ଏହି କାର୍ଯ୍ୟକ୍ରମ ଅନୁଯାଇ ୨୦୦୯ ମସିହାଠାରୁ ୫୭ ମେଗାୱାଟ୍ କ୍ଷମତା ବିଶିଷ୍ଟ ୩ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ରାଜ୍ୟ ବିଦ୍ୟୁତ୍ ଗ୍ରୀଡ୍‌କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେଇଆସୁଅଛି | **୨୦୧୮-୧୯ ଆର୍ଥିକ ବର୍ଷରେ ୨୬୬.୪୬୭ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉପରୋକ୍ତ ୩ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ଗ୍ରୀଡ୍‌କୁ ଦିଆଯାଇଅଛି** | ବର୍ତ୍ତମାନ ଚାରିଗୋଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ଯାହାକି ୬୬ ମେଗାୱାଟ୍ ଅଧିକ ସବୁଜ ଶକ୍ତି ଗ୍ରୀଡକୁ ଯୋଗାଇବ | ଏହି କାର୍ଯ୍ୟାଳୟ ଦ୍ୱାରା OREP-୨୦୧୬ ରେ ଥିବା କ୍ଷୁଦ୍ର ଜଳ ପ୍ରକଳ୍ପ ଅଂଶଟିର ପରିବର୍ତ୍ତନ ଏବଂ କ୍ଷୁଦ୍ରଜଳ ପ୍ରକଳ୍ପ ଗୁଡିକୁ କାର୍ଯ୍ୟରେ ପରିଣତ କରିବାପାଇଁ ନିର୍ଦ୍ଧାରିତ କାର୍ଯ୍ୟ ସମ୍ବନ୍ଧୀୟ ନୀତି ଓ ନିୟମ ସମୂହରେ ପରିବର୍ତ୍ତନ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଅଛି |

<u>ହସ୍ତୀ ଅଳିନ୍ଦ ପାଇଁ ନିରାପତ୍ତା ବ୍ୟବସ୍ଥାର ଉନ୍ନତୀକରଣ</u>

ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଉଥିବା ହାତୀ ତଥା ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କର ନିରାପତ୍ତାପାଇଁ ଏହି ଅଞ୍ଚଳରେ ଥିବା ବିଜୁଳି ଭିତ୍ତିଭୂମିର ବିକାଶ ନିମନ୍ତେ ରାଜ୍ୟ ସରକାର ବିଜୁଳି ବିତରଣ କମ୍ପାନୀମାନଙ୍କୁ ଦାୟୀତ୍ୱ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୧ଟି କରିଡର୍ ମଧ୍ୟରୁ ୯ଟି ରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି କରିଡର୍ ମଧ୍ୟରୁ ୯ଟି ରେ କାର୍ଯ୍ୟ ସମାପ୍ତ ହୋଇଛି । ବାକିଥିବା ଅନ୍ୟ କରିଡର୍ ସହିତ ତୃତୀୟ ପର୍ଯ୍ୟାୟରେ ନିଆଯାଉଥିବା ୧୪ଗୋଟି କରିଡରରେ ଅଗ୍ରାଧିକାର

ଭିତ୍ତିରେ କାର୍ଯ୍ୟ ଚାଲୁ ରହିଛି । ଏହି ପ୍ରକଳ୍ପର ଗୁରୁତ୍ୱ ଅନୁଭବ କରି ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୨୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ । ଆର୍ଥିକ ବର୍ଷ ୨୦୧୮-୧୯ ରେ, ଏହି ଯୋଜନାରେ ଟ.୨୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଥିବା ଟ୍ରାନ୍ସଫରମର୍ ଗୁଡିକର ସ୍ଥାନାନ୍ତରୀକରଣ

ସ୍କୁଲ ଓ ଅଙ୍ଗନୱାଡି ଇତ୍ୟାଦି ସର୍ବସାଧାରଣ ଅନୁଷ୍ଠାନ ମାନଙ୍କରେ ଥିବା ଟ୍ରାନ୍ସଫରମର ଗୁଡିକପାଇଁ ବିଦ୍ୟୁତ୍ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ଜନସାଧାରଣମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେଠାରେ ଥିବା ଟ୍ରାନ୍ସଫରମର ଗୁଡିକୁ ସ୍ଥାନାନ୍ତର କରିବା ନିମନ୍ତେ ସ୍ଥିର କରିଛନ୍ତି । ବାକିଥିବା ଅନ୍ୟାନ୍ୟ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ ଟ୍ରାନ୍ସଫରମର୍ ସ୍ଥାନାନ୍ତରୀକରଣ କାର୍ଯ୍ୟ ଚାଲୁରହିଛି । ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮ ରେ, ଟ.୧୦.୦୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ କାର୍ଯ୍ୟ ଚାଲୁରହିଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୨.୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଦୁର୍ଗମ ଅଞ୍ଚଳରେ ବିଦ୍ୟୁତି କରଣ ନିମନ୍ତେ ରାଜ୍ୟର ଅଂଶଧନ ବିନିଯୋଗ

ରାଜ୍ୟର ପାର୍ବତ୍ୟ ଅଞ୍ଚଳ ତଥା ବିଦ୍ୟୁତ୍ ପହଞ୍ଚି ନଥିବା ପଛୁଆ ଜିଲ୍ଲା ଗୁଡିକୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୨୦୧୧-୧୨ ବର୍ଷ ଠାରୁ ଏକ ପାଞ୍ଚ ବର୍ଷିଆ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହି ଯୋଜନା ବାବଦରେ ବର୍ଷକୁ ଟ.୬୦.୦୦ କୋଟି ଟଙ୍କା ହିସାବରେ ସମୁଦାୟ ଟ.୩୦୦.୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ହୋଇଛି । ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୫୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୪୫.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୫୫.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

OHPC ରେ ଅଂଶଧନ ବିନିଯୋଗ (Equity Infusion to OHPC)

ଶକ୍ତି ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ଜଳ ବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍ ଶକ୍ତି ବ୍ୟତୀତ ଅଧୁନା ସୌରଶକ୍ତି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଭାରତ ସରକାରଙ୍କର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ ଏହାର ସୌର ଶକ୍ତି ନିଗମ (SECI) ମାଧ୍ୟମରେ ୭୫୦ MW ସୌର ଶକ୍ତି ପ୍ରକଳ୍ପର ବିକାଶ ପାଇଁ ସ୍ଥିର କରିଛନ୍ତି । ତଦନୁଯାୟୀ ବୌଦ୍ଧ ଜିଲ୍ଲାର ମନମୁଣ୍ଡା ଠାରେ ଟ.୪୮.୦୦ କୋଟି ଟଙ୍କା VGF support ମାଧ୍ୟମରେ ୨୦ MW ସୌର ଶକ୍ତି ପ୍ରକଳ୍ପର ପ୍ରତିଷ୍ଠା କରାଯାଇଛି । ଚୁକ୍ତି ମୁତାବକ ଏହି ପ୍ରକଳ୍ପରୁ ଉତ୍ପାଦିତ ଶକ୍ତି ୟୁନିଟ୍ ପିଛା ୫ ଟଙ୍କା ୪୫ ପଇସା ହିସାବରେ SECI ଦ୍ୱାରା ଆହରଣ କରାଯିବ । OHPC ଅଧିନରେ ଶତ ପ୍ରତିଶତ ଅଂଶଧନରେ କାର୍ଯ୍ୟ କରୁଥିବା ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ GEDCOL (Green Energy Development Corporation) କୁ ଏହି ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଏହା ବ୍ୟତୀତ ଅନ୍ୟାନ୍ୟ ସବୁଜ ଶକ୍ତି ଉତ୍ସର ବିକାଶ ଏବଂ ବ୍ୟବସାୟିକ ଦୃଷ୍ଟିକୋଣରୁ ଏହାର ଉନ୍ନତି ପାଇଁ ଗୁରୁତ୍ୱ ଦିଆଯାଉଛି । ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ GEDCOL ମାଧ୍ୟମରେ ଏହିପରି ଅଧିକ ସୌର

ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ଓ ସେଗୁଡିକର ବିକାଶ ପାଇଁ ସ୍ଥିର କରାଯାଇଛି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୧୯.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୪୯.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୪୯.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଭିତ୍ତିଭୂମିର ବିକାଶ ନିମନ୍ତେ GEDCOL କୁ ସହାୟତା (Infrastructure Assistance to GEDCOL)

ରାଜ୍ୟରେ ଅଣପାରମ୍ପରିକ ଉତ୍ସରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେବା ନିମନ୍ତେ ରାଜ୍ୟ ସରକାର Green Energy Development Corporation Ltd. (GEDCOL) ନାମକ ଏକ ନୂତନ ସଂସ୍ଥା ପ୍ରତିଷ୍ଠା କରିଛନ୍ତି, ଯାହାକି ଓଡିଶା ଜଳ ବିଦ୍ୟୁତ୍ ନିଗମର ଏକ ଶତ ପ୍ରତିଶତ ଅଂଶ ବିଶେଷ ଅଟେ ।

ଏହି ସଂସ୍ଥା ଜରିଆରେ ରାଜ୍ୟରେ ସୌର ଶକ୍ତି ଏବଂ ଅନ୍ୟାନ୍ୟ ବୈକଳ୍ପିକ ଶକ୍ତିର ଉତ୍ପାଦନ ନିମନ୍ତେ ଉଦ୍ୟମ କରାଯିବ । ଏହାଦ୍ୱାରା ରାଜ୍ୟରେ ଅଣପାରମ୍ପରିକ ଉପାୟରେ ବିଦ୍ୟୁତ୍ ଉତ୍ପାଦନ କରାଯାଇପାରିବ । ଅଣପାରମ୍ପାରିକ ଶକ୍ତିର ବିକାଶ ପାଇଁ ରାଜ୍ୟ ସରକାର GEDCOL କୁ ୨୦୧୩-୧୪ ମସିହାଠାରୁ ସହାୟତା ପ୍ରଦାନ ନିମନ୍ତେ ଏହି ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮ ରେ ଟ.୧୦.୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ମାନ ନିର୍ଦ୍ଧାରଣ ପରୀକ୍ଷାଗାର (Standard Testing Laboratory)

ମାନ ନିର୍ଦ୍ଧାରଣ ପରୀକ୍ଷାଗାର ଏକ ତୃତୀୟ ପକ୍ଷ ପରୀକ୍ଷାଗାର ରାଜ୍ୟ ଶକ୍ତି ବିଭାଗ ଅଧୀନରେ ଭୁବନେଶ୍ୱର ଠାରେ କାର୍ଯ୍ୟ କରୁଅଛି । ଏହି ପରୀକ୍ଷାଗାର ମାଧ୍ୟମରେ ବିଭିନ୍ନ ବୈଦ୍ୟୁତିକ ଉପକରଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଓ ମାନ (Testing Calibration) ନିର୍ଦ୍ଧାରଣ କରାଯାଏ । ଉକ୍ତ ସଂସ୍ଥାର ନୂତନ କାର୍ଯ୍ୟାଳୟ ଗୃହ, ରାଜ୍ୟ ସରକାରଙ୍କ ପ୍ରଦତ୍ତ ଅର୍ଥରେ ନିର୍ମାଣ କରାଯାଇଛି । ଏହି ପରୀକ୍ଷାଗାରକୁ ଅଧିକ ଦକ୍ଷ ତଥା ଜ୍ଞାନ କୌଶଳଯୁକ୍ତ କରିବା ପାଇଁ ବିଭିନ୍ନ ଯନ୍ତ୍ରପାତି କ୍ରୟ ନିମନ୍ତେ ସରକାର ଆର୍ଥିକ ବ୍ୟୟବରାଦ କରିଆସୁଛନ୍ତି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୧.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ, ଏହି ଯୋଜନାରେ ଟ.୫୦.୦୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧.୭୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଓଡିଶା ବିଦ୍ୟୁତ ପରିବହନ ବ୍ୟବସ୍ଥାର ବିକାଶ (Odisha Transmission System Improvement Project) (JICA)

ଜାପାନ ଆର୍ନ୍ତଜାତିକ ସମବାୟ ସଂସ୍ଥା "Japan International Co-operation Agency"(JICA) ସହଯୋଗରେ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାର ବିକାଶ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ ସଂସ୍ଥା OPTCLକୁ ଦାୟୀତ୍ୱ ନ୍ୟସ୍ତ କରିଛନ୍ତି । ଟ.୧୨୮୯.୦୮ କୋଟି ଟଙ୍କାର ଏହି ପ୍ରକଳ୍ପରେ ରାଜ୍ୟର ଅଂଶଧନ ବାବଦରେ ଟ.୧୪୨.୩୨ କୋଟି ଟଙ୍କା ବିନିଯୋଗ କରାଯିବ । ଏହି ଯୋଜନା ୨୦୧୬ ରୁ ୨୦୨୦ ମଧ୍ୟରେ କାର୍ଯ୍ୟକାରୀ ହେବାର ଅଛି । ବିଦ୍ୟୁତ୍ ପରିବହନ ଜନିତ କ୍ଷତି ହ୍ରାସ କରି ରାଜ୍ୟରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ଉପରୁ ଚାପ କମ୍ କରିବାପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । ଏହି ଯୋଜନା ମାଧ୍ୟମରେ, ରାଜ୍ୟରେ ବିଦ୍ୟୁତ୍ ପରିବହନ ନେଟୱାର୍କର ପୁଃର୍ନବିନ୍ୟାସ ନିମନ୍ତେ ବ୍ୟବସ୍ଥା କରାଯାଇଛି । ଆର୍ଥିକ

ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୨୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୪୪.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମ୍ ଜ୍ୟୋତି ଯୋଜନା (DDUGJY)

ଗ୍ରାମାଞ୍ଚଳରେ ବିଜୁଳି ଶକ୍ତିର ପ୍ରସାର ପାଇଁ ବଣ୍ଟନ ଓ ବିତରଣ କ୍ଷେତ୍ରରେ ଉନ୍ନତି ଆଣିବା ସହ କୃଷି କ୍ଷେତ୍ର ଓ ଅଣ କୃଷି କ୍ଷେତ୍ରରେ ପୃଥକ୍ ପୃଥକ୍ ଫିଡର୍ ପ୍ରଚଳନ କରି ବିଜୁଳି ବିତରଣକୁ ଅଧିକ ସୁପରିଚାଳନା କରିବାପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଦୀନ ଦୟାଲ୍ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା ପ୍ରଣୟନ କରାଯାଇଛି । ଏହି ଯୋଜନା ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାକୁ ଏହାର ଅଂଶ ରୂପେ ଗ୍ରହଣ କରିଛି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୨୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୫୫.୦୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୨୪୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଇଣ୍ଟିଗ୍ରେଟେଡ୍ ପାୱାର ଡେଭଲପମେଣ୍ଟ୍ ସ୍କିମ୍ (IPDS)

ରାଜ୍ୟର ସହରାଞ୍ଚଳରେ ବିଜୁଳି ଶକ୍ତିର ପ୍ରସାର ପାଇଁ ବିତରଣ କ୍ଷେତ୍ରରେ କ୍ଷତି କମାଇବା ସହ ବିଜୁଳି ଭିତ୍ତିଭୂମିର ବିକାଶ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ଇଣ୍ଟିଗ୍ରେଟେଡ୍ ପାୱାର୍ ଡେଭଲପମେଣ୍ଟ୍ ସ୍କିମ୍ ର ପ୍ରଣୟନ କରାଯାଇଛି । ସୂଚନା ପ୍ରଯୁକ୍ତି ତଥା ଅନ୍ୟାନ୍ୟ ଉନ୍ନତ ଜ୍ଞାନ କୌଶଳ ବ୍ୟବହାର ପୂର୍ବକ ବିତରଣ କମ୍ପାନୀ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରି ବିଜୁଳି ଭିତ୍ତିଭୂମିର ବିକାଶ ପାଇଁ ଏହି ଯୋଜନା ଉଦ୍ଦିଷ୍ଟ । Roof-Top Solar Project ଏବଂ Solar Panelର ପ୍ରତିଷ୍ଠା ତଥା Smart Net Metering ଇତ୍ୟାଦି ଏହି ଯୋଜନାର ଅଂଶ ବିଶେଷ । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୧୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ୍ ବ୍ୟବସ୍ଥା ଉନ୍ନତିକରଣ (SCRIPS)

ରାଜ୍ୟ ରାଜଧାନୀ ଏବଂ ଦ୍ୱୈତ ନଗରୀ (କଟକ-ଭୁବନେଶ୍ୱର) ସଂଲଗ୍ନ ଅଞ୍ଚଳର ଦୃଢ ସହରୀକରଣ ଧାରାକୁ ଦୃଷ୍ଟିରେ ରଖି ତଥା ଭବିଷ୍ୟତରେ ଏହି ଅଞ୍ଚଳର ଜନସାଧାରଣମାନଙ୍କୁ ଉନ୍ନତମାନର ନିରବଚ୍ଛିନ୍ନ (୨୪x୭) ବିଦ୍ୟୁତ୍ ଶକ୍ତି ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାରଙ୍କର ଶକ୍ତି ବିଭାଗ ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ୍ ବ୍ୟବସ୍ଥା ଉନ୍ନତିକରଣ State Capital Region Improvement Power System (SCRIPS) ନାମରେ ଏକ ଯୋଜନାର ପରିକଳ୍ପନା କରିଛନ୍ତି । ଆର୍ଥିକ ବର୍ଷ ୨୦୧୭-୧୮ ରେ, ଏହି ଯୋଜନାରେ ଟ.୨୩୦.୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୧୫୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୩୫୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସ୍ମାର୍ଟ ଗ୍ରୀଡ୍ (SMART GRID)

ଗ୍ରାହକମାନଙ୍କୁ ଉନ୍ନତମାନର ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ନିମନ୍ତେ ରାଜ୍ୟରେ ଉନ୍ନତମାନର ଜ୍ଞାନ କୌଶଳ ବ୍ୟବହାର କରି ବିଦ୍ୟୁତ୍ ଭିତ୍ତିଭୂମିର ପ୍ରସାର ଏବଂ ଉନ୍ନତିକରଣ ନିମନ୍ତେ ସରକାର ଏହି ସ୍ୱତନ୍ତ୍ର ଦୀର୍ଘସୂତ୍ରୀ ଯୋଜନା (Smart Grid) ପ୍ରଚଳନ କରିଛନ୍ତି । GIS, SCADA, OPGW ଏବଂ AMI ଇତ୍ୟାଦି ଉନ୍ନତ କୌଶଳମାନ ଏହି ଯୋଜନାର ଅନ୍ତର୍ଗତ । ଏହି ଯୋଜନା ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ Grid ଗୁଡିକର ଉନ୍ନତିକରଣ କରାଯିବା ସଂଗେ ସଂଗେ ନିରବଚ୍ଛିନ୍ନ (୨୪x୭) ବିଦ୍ୟୁତ୍ ଶକ୍ତି ମିଳିପାରିବ । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୭୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୫୫.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୪.୭୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ରେଡିୟାଲ୍ ଟୁ ରିଙ୍ଗ୍ କନଭର୍ସନ୍ (Radial to Ring Conversion Project)

ବୈଦ୍ୟୁତିକ ଭିତ୍ତିଭୂମିର ବିକାଶ ତଥା ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା ଓ ବାତ୍ୟା) ସମୟରେ ବିଜୁଳି ଶକ୍ତିର ଉପଲବ୍ଧି ପାଇଁ କେତେଗୁଡିଏ ପ୍ରତିକାରାତ୍ମକ ଯୋଜନା ହାତକୁ ନିଆଯାଇଛି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୪୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୪୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୫୪.୯୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଡିଜାଷ୍ଟର୍ ରେସ୍ପନ୍ସ ସେଣ୍ଟର୍ (Disaster Response Centre)

ବୈଦ୍ୟୁତିକ ଭିତ୍ତିଭୂମିର ବିକାଶ ତଥା ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା ଓ ବାତ୍ୟା) ସମୟରେ ବିଜୁଳି ଶକ୍ତିର ଉପଲବ୍ଧି ପାଇଁ କେତେଗୁଡିଏ ପ୍ରତିକାରାତ୍ମକ ଯୋଜନା ହାତକୁ ନିଆଯାଇଛି । ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ, ଏହି ଯୋଜନାରେ ଟ.୩୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୪୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୬୧.୩୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଡିଜାଷ୍ଟର ରେଜିଲିଏଣ୍ଟ୍ ପାୱାର ସିଷ୍ଟମ୍ (Disaster Resilient Power System)

ବୈଦ୍ୟୁତିକ ଭିତ୍ତିଭୂମିର ବିକାଶ ତଥା ପ୍ରାକୃତିକ ବିପର୍ଯ୍ୟୟ (ବନ୍ୟା ଓ ବାତ୍ୟା) ସମୟରେ ବିଜୁଳି ଶକ୍ତିର ଉପଲବ୍ଧି ପାଇଁ କେତେଗୁଡିଏ ପ୍ରତିକାରାତ୍ମକ ଯୋଜନା ହାତକୁ ନିଆଯାଇଛି । **ଡିଜାଷ୍ଟର ରେଜିଲିଏଣ୍ଟ୍ ପାୱାର ସିଷ୍ଟମ୍ (Disaster Resilient Power System)** ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮ ବଜେଟରେ ଟ.୪୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୩୫.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦୬.୪୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସୂଚନା, ଶିକ୍ଷା ଏବଂ ଆଦାନପ୍ରଦାନ (IEC Activity)

ସୂଚନା, ଶିକ୍ଷା ଏବଂ ଆଦନପ୍ରଦାନର ଉନ୍ନତି ସକାଶେ ଏହି ଯୋଜନାରେ ୨୦୧୭-୧୮ ଆର୍ଥିକ ବର୍ଷରେ ଟ.୦.୩୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ ଟ.୩.୩୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୦.୩୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ରାଜ୍ୟର ପ୍ରମୁଖ ଅଞ୍ଚଳ ଗୁଡିକରେ ଭୂତଳ ବିଦ୍ୟୁତିକରଣ ବ୍ୟବସ୍ଥା

୨୦୧୧-୧୨ ବର୍ଷରେ ପୁରୀ ବଡଦାଣ୍ଡ ଓ ଶ୍ରୀ ଜଗନ୍ନାଥ ମନ୍ଦିର ପାର୍ଶ୍ୱସ୍ଥ ଅଞ୍ଚଳରେ ଭୂତଳ ବିଦ୍ୟୁତିକରଣ ନିମନ୍ତେ, ରାଜ୍ୟ ସରକାର ସେସୁକୁ ଦାୟୀତ୍ୱ ଅର୍ପଣ କରିଥିଲେ । ପରେ ପରେ ଲିଙ୍ଗରାଜ ମନ୍ଦିର ରଥଦାଣ୍ଡ ଅଞ୍ଚଳରେ ତଥା କୋଣାର୍କ ଅଞ୍ଚଳରେ ଭୂତଳ ବିଦ୍ୟୁତିକରଣ ପାଇଁ ମଧ୍ୟ ସେସୁକୁ ଦାୟୀତ୍ୱ ଦିଆଯାଇଥିଲା । ଅଧୁନା ଉକ୍ତ ଅଞ୍ଚଳରେ କାର୍ଯ୍ୟ ସମାପ୍ତ ହୋଇ ଲୋକାର୍ପିତ ହୋଇଅଛି ।

ସେହିପରି ସମ୍ବଲପୁରସ୍ଥିତ ମା' ସମଲେଶ୍ୱରୀ ମନ୍ଦିର ଅଞ୍ଚଳରେ ତଥା ବାରିପଦା ରଥ ଦାଣ୍ଡ ଅଞ୍ଚଳରେ ଭୂତଳ ବିଦ୍ୟୁତିକରଣ ପାଇଁ ଯଥାକ୍ରମେ ଓ୍ୱେସ୍କୋ ଓ ନେସ୍କୋକୁ ଦାୟୀତ୍ୱ ଦିଆଯାଇଥିଲା । ଅଦ୍ୟାବଧି ମା' ସମଲେଶ୍ୱରୀ ମନ୍ଦିର ଅଞ୍ଚଳରେ ୭୦ ପ୍ରତିଶତ କାର୍ଯ୍ୟ ସମାପ୍ତ ହୋଇ ବାକି କାର୍ଯ୍ୟ ଚାଲୁରହିଛି ଏବଂ ବାରିପଦା ରଥ ଦାଣ୍ଡ ଅଞ୍ଚଳରେ ନଭେମ୍ବର, ୨୦୧୬ ସୁଦ୍ଧା ୧ କିଲୋମିଟର ୧୧ କେ.ଭି ଲାଇନ ଓ ୦.୮ କି.ମି ଏଲ୍.ଟି ଭୂତଳ ବିଦ୍ୟୁତ୍ ଲାଇନ ବିଛାଯାଇ ବାକି କାର୍ଯ୍ୟ ଚାଲୁରହିଛି । ଏଥିପାଇଁ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୭-୧୮ ରେ ୧୦୦୦.୦୦ ଟଙ୍କା ପ୍ରଦାନ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୮-୧୯ ରେ ଟ.୪.୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୪.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆମ ଘରେ ଏଲ.ଇ.ଡି ବଲବ୍ କାର୍ଯ୍ୟକ୍ରମ

୨୦୧୮-୧୯ ମସିହାରେ ରାଜ୍ୟ ସରକାରଙ୍କ ନୂତନ ଯୋଜନା ପ୍ରତ୍ୟେକ ପରିବାରଙ୍କୁ ଏଲ.ଇ.ଡି ବଲବ୍ ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ କରାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୨୨୫.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଗ୍ରାମାଞ୍ଚଳରେ ପ୍ରତ୍ୟେକ ଘରକୁ ସହଜ ବିଜୁଳି ପ୍ରଦାନ (ସୌଭାଗ୍ୟ)

ଭାରତ ସରକାର ଅକ୍ଟୋବର, ୨୦୧୮ ମସିହାରେ ନୂତନ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନାରେ ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରକୁ ସହଜ ବିଜୁଳି ସଂଯୋଗ (ସୌଭାଗ୍ୟ) ନାମରେ ସମସ୍ତ ଗୃହକୁ ବିଜୁଳି ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆର୍ଥିକ ବର୍ଷ ୨୦୧୮-୧୯ ବଜେଟରେ, ଏହି ଯୋଜନାରେ ଟ.୨୧୦.୦୦ କୋଟି ଟଙ୍କା ରାଜ୍ୟ ଅନୁରୂପ ଅଂଶଧନ ବାବଦରେ ବ୍ୟବସ୍ଥା କରାଯାଇଛି ।

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୧୫୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ୟୁ.ଏମ.ପି.ପି. ବେଡାବାହାଲ

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୮୯.୭୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ନୂତନ ଯୋଜନା ଓ ପ୍ରକଳ୍ପ

ବିତରଣ କମ୍ପାନୀ ପାଇଁ କମ୍ପୁଟରୀ କରଣ

ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ, ଏହି ଯୋଜନାରେ ଟ.୨୦.୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୨୦ ୧୯ -୨୦ ଆର୍ଥିକ ବର୍ଷ ନିମନ୍ତେ ଓଡିଶା ଜଳ ବିଦ୍ୟୁତ୍ ନିଗମର କାର୍ଯ୍ୟାବଳୀ ସମ୍ପର୍କିତ ସଂକ୍ଷେପ ବିବରଣୀ

ଓଡିଶା ଜଳ ବିଦ୍ୟୁତ୍ ନିଗମର ଉପଲବ୍ଧୀ ସମ୍ପର୍କିତ ସଂକ୍ଷେପ ବିବରଣୀ

ଓଡିଶାର ପାୱାର ସେକ୍ଟରର ସୁଧାର ଏବଂ ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶା ଜଳ ବିଦ୍ୟୁତ୍ ନିଗମ ୧୯୯୫ ମସିହା, ଏପ୍ରିଲ ୨୧ ତାରିଖରେ ସ୍ଥାପନ କରାଯାଇଥିଲା । ତତକାଳୀନ, ଓ.ଏସ.ଇ.ବି (OSEB) ଓ ଓଡିଶା ସରକାରଙ୍କର ଅଧିନରେ ଥିବା ସମସ୍ତ ଜଳବିଦ୍ୟୁତ୍ ପ୍ରକଳ୍ପ ତା.୦୧.୦୪.୧୯୯୬ରେ ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) କୁ ହସ୍ତାନ୍ତର କରାଯାଇଥିଲା । ବର୍ତ୍ତମାନ, ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ଅଧିନରେ ଛଅଗୋଟି ଜଳବିଦ୍ୟୁତ୍ ପରିଯୋଜନା ଏବଂ ଏକ ସଂଯୁକ୍ତ ଜଳବିଦ୍ୟୁତ୍ ପରିଯୋଜନା କାର୍ଯ୍ୟକରୁଅଛି, ଯାହାର ମୋଟ ସ୍ଥାପିତ କ୍ଷମତା ୨୦୬୩.୫୦ ମେଗାୱାଟ୍ ଅଟେ ।

ୟୁନିଟ୍ ମାନଙ୍କର ବିସ୍ତୃତ ସ୍ଥାପିତ କ୍ଷମତା ଏବଂ ଡିଜାଇନ୍ ଉର୍ଜା ତଳେ ବିସ୍ତୃତ ଭାବରେ ଦିଆଗଲା ।

କ୍ରମିକ ସଂଖ୍ୟା	ଜଳ ବିଦ୍ୟୁତ୍ ପ୍ରକଳ୍ପର ନାମ	ସର୍ବଚ୍ଚୋ ବିଦ୍ୟୁତ୍ ଉତ୍ପାଦନ କ୍ଷମତା (ମେଗାୱାଟ)	ଡିଜାଇନ୍ ଉର୍ଜା (ମିଲିୟନ ୟୁନିଟ୍)	ଡିଜାଇନ୍ ଉର୍ଜା ବିକ୍ରି ପାଇଁ (ମିଲିୟନ ୟୁନିଟ୍)
୧	ବୁର୍ଲା	୨୭୫.୫୦	୬୮୪	୬୭୭.୧୬
୨	ଚିପିଲିମା	୭୨.୦୦	୪୯୦	୪୮୫.୧୦
୩	ବାଲିମେଳା	୫୧୦.୦୦	୧୧୮୩	୧୧୭୧.୧୭
୪	ରେଙ୍ଗାଳି	୨୫୦.୦୦	୫୨୫	୫୧୯.୭୫
୫	ଉପର କୋଲାବ	୩୨୦.୦୦	୮୩୨	୮୨୩.୬୮
୬	ଉପର ଇନ୍ଦ୍ରାବତୀ	୬୦୦.୦୦	୧୯୬୨	୧୯୪୨.୩୮
ଉପମୋଟ		**୨୦୨୭.୫୦**	**୫୬୭୬**	**୫୬୧୯.୨୪**
୭	ମାଛକୁଣ୍ଡ (ଓଡିଶାର ଅଶଂ ୩୦%)	୩୬.୦୦	୨୬୨.୫୦	୨୫୯.୮୭
ସର୍ବମୋଟ		**୨୦୬୩.୫୦**	**୫୯୩୮.୫୦**	**୫୮୭୯.୧୧**

ବିଦ୍ୟୁଶକ୍ତି ଉତ୍ପାଦନ:

ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ରାଜ୍ୟ ବିଦ୍ୟୁତ୍ ଗ୍ରୀଡକୁ ସବୁଠାରୁ ଶସ୍ତା ମୂଲ୍ୟରେ ବିଦ୍ୟୁତ୍ ଶକ୍ତି ଯୋଗାଇଥାଏ । ଆର୍ଥିକ ବର୍ଷ ୨୦୧୯-୨୦୨୦ ପାଇଁ ଓଇଆରସି (OERC) ଦ୍ୱାରା ଧାର୍ଯ୍ୟ ଅନୁମୋଦିତ ହୋଇଥିବା ବିଦ୍ୟୁତ୍ ମୂଲ୍ୟ ହେଉଛି ୮୭.୭୩ ପଇସା / ୟୁନିଟ୍ । ଏହି ଆର୍ଥିକ ବର୍ଷ ୨୦୧୯-୨୦ର ୩୧ ଅକ୍ଟୋବର ପର୍ଯ୍ୟନ୍ତ ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ଦ୍ୱାରା ୪୦୪୫.୦୦୪ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି (ମାଛକୁଣ୍ଡକୁ ଛାଡି) ଏବଂ ୪୨୧୭.୫୬ ମିଲିୟନ ୟୁନିଟ୍ (ମାଛକୁଣ୍ଡକୁ ମିଶାଇ) ଉତ୍ପାଦନ ହୋଇଅଛି । ଏବଂ ଏହି ଆର୍ଥିକ ବର୍ଷରେ ୬୧୧୯.୭୦୯୮ ମିଲିୟନ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି ।

ଆର୍ଥିକ ବର୍ଷ-୨୦୧୯-୨୦ର ୩୧-ଅକ୍ଟୋବର ପର୍ଯ୍ୟନ୍ତ ବିଭିନ୍ନ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ମିଲିୟନ ୟୁନିଟ୍ ରେ ନିମ୍ନରେ ଦିଆଗଲା:-

ଆର୍ଥିକ ବର୍ଷ (୨୦୧୯-୨୦)	ବୁର୍ଲା	ଚିପିଲିମା	ବାଲିମେଳା	ରେଙ୍ଗାଳି	ଉପର କୋଲାବ	ଉପର ଇନ୍ଦ୍ରାବତୀ	ଉପମୋଟ	ମାଛକୁଣ୍ଡ	ସର୍ବମୋଟ
୩୧-୧୦-୧୯ ସୁଦ୍ଧା	୩୮୨.୯୮୫	୧୫୪.୫୩୬୦	୧୦୬୧.୮	୪୩୭.୫୯୦୬	୪୯୧.୯୧୯୦	୧୫୧୬.୧୭୫୪	୪୦୪୫.୦୦୬	୧୭୨.୫୫୨	୪୨୧୭.୫୫୮

ନଭେମ୍ବର-୧୯ ଠାରୁ ମାର୍ଚ୍ଚ-୨୦	୧୮୫.୬୦୪୮	୯୦.୮	୪୦୬.୮	୨୩୭.୯୯୯୯	୨୫୮.୯୯୮୯	୬୩୨.୦୦୦୨	୧୮୧୨.୨୦୩୮	୮୯.୯୪୮	୧୯୦୨.୧୫୧୮
ସମୁଦାୟ	**୫୬୮.୫୮୯୮**	**୨୪୫.୩୩୬**	**୧୪୬୮.୬୦**	**୬୭୫.୫୯୦୫**	**୭୫୦.୯୧୭୯**	**୨୧୪୮.୧୭୫୬**	**୫୮୫୭.୨୦୯୮**	**୨୬୨.୫**	**୬୧୧୯.୭୦୯୮**

<u>ଜଳ ଭଣ୍ଡାର ସ୍ତର</u>

ଏହି ଆର୍ଥିକ ବର୍ଷରେ ସମସ୍ତ ଜଳଭଣ୍ଡାର ଜଳସ୍ତର ଭଲ ସ୍ଥିତିରେ ଅଛି, ଯାହାଦ୍ୱରା କି ଆଗାମି ମାସମାନଙ୍କରେ ରାଜ୍ୟର ଚାହିଦା ମୁତାବକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହୋଇପାରିବ । ତା.୧୫.୧୧.୨୦୧୯ ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ପୂର୍ବ ବର୍ଷ ତୁଳନାରେ କେତେ ଅଛି, ତାର ତୁଳାନତ୍ମକ ଚିତ୍ର ନିମ୍ନରେ ପ୍ରଦତ୍ତ କରାଗଲା ।

କ୍ର.ସଂ	**ଜଳବିଦ୍ୟୁତ ପ୍ରକଳ୍ପର ନାମ**	**ପୂର୍ଣ୍ଣ ଜଳସ୍ତର**	**ଜଳ ଭଣ୍ଡାର ସ୍ତର ତା.୧୫.୧୧.୨୦୧୮**	**ଜଳ ଭଣ୍ଡାର ସ୍ତର ତା.୧୫.୧୧.୨୦୧୯**	**% ପୂରଣ ହୋଇଅଛି**
୧	ହିରାକୁଦ୍	୬୩୦ ଫୁଟ୍ / ୫୯୦ ଫୁଟ୍	୬୨୫.୨୫ ଫୁଟ୍	୬୨୯.୮୭ ଫୁଟ୍	୯୯.୪୮%
୨	ବାଲିମେଳା	୧୫୧୬ ଫୁଟ୍ / ୧୪୪୦ ଫୁଟ୍	୧୫୧୦.୪୦ ଫୁଟ୍	୧୫୧୩.୯୦ ଫୁଟ୍	୮୭.୪୩%
୩	ରେଙ୍ଗାଳି	୧୨୩.୫ ମି./ ୧୦୯.୭୨ ମି	୧୧୮.୪୯ ମି.	୧୨୩.୭୮ ମି.	୧୦୨.୯୭%
୪	ଉପର କୋଲାବ	୮୫୮ ମି / ୮୪୪ ମି	୮୫୫.୬୫ ମି.	୮୫୭.୧୯ ମି.	୯୧.୭୯%
୫	ଉପର ଇନ୍ଦ୍ରାବତୀ	୬୪୨ ମି / ୬୨୫ ମି	୬୩୯.୦୨ ମି.	୬୪୦.୪୭ ମି.	୮୮.୩୧%
୬	ମାଛକୁଣ୍ଡ (ଯୁଗ୍ମ)	୨୭୫୦ ଫୁଟ୍ / ୨୬୮୫ ଫୁଟ୍	୨୭୪୫.୭୫ ଫୁଟ୍	୨୭୪୮.୭୦ ଫୁଟ୍	----

<u>ଆର୍ଥିକ ବର୍ଷ-୨୦୧୮-୧୯ ପାଇଁ ଓଡିଶା ଜଳ ବିଦ୍ୟୁତ୍ ନିଗମ (OHPC) ଦ୍ୱାରା ନିଆଯାଇଥିବା ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ।</u>

୧) ଉପର ଇନ୍ଦ୍ରାବତୀ, ମୁଖିଗୁଡାଠାରେ ୬୦୦ ମେଗାୱାଟ୍ ପମ୍ପଷ୍ଟୋରେଜ ପ୍ରକଳ୍ପ ସ୍ଥାପନ ପାଇଁ WAPCOS ଦ୍ୱାରା ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ର କାର୍ଯ୍ୟ ଚାଲୁଅଛି । WAPCOS ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ବିବରଣୀ (DPR)ର ଚିଠା ଜମା କରିଅଛି । ବର୍ତ୍ତମାନ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR)ର ଚିଠା CEA ଏବଂ CWC ଦ୍ୱାରା ଯାଞ୍ଚ କରାଯାଉଅଛି । ଜଙ୍ଗଲ ବିଭାଗର ମଞ୍ଜୁରି ପ୍ରାପ୍ତ ନିମନ୍ତେ M/s Grow Green Consortium Pvt. Ltd କୁ ପରାମର୍ଶଦାତା ଭାବରେ କାର୍ଯ୍ୟଦେଶ ଦିଆଯାଇଛି । ଜଙ୍ଗଲ ବିଭାଗର ଅନୁମତି ପରେ ଡ୍ରିଫ୍ଟ (Drift) କାର୍ଯ୍ୟ ଆରମ୍ଭ ହେବ । ଡ୍ରିଫ୍ଟ (Drift) କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ WAPCOS ଅନ୍ତିମ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ଦାଖଲ କରିବ ।

୨) ଉପରକୋଲାବ ଠାରେ ୩୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପମ୍ପଷ୍ଟୋରେଜ ପ୍ରକଳ୍ପ ସ୍ଥାପନ ପାଇଁ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ପ୍ରସ୍ତୁତି କାର୍ଯ୍ୟ ଚାଲୁଅଛି । WAPCOS ଦାଖଲ କରିଥିବା ଉପରକୋଲାବ ପମ୍ପଷ୍ଟୋରେଜ ପ୍ରକଳ୍ପର Conceptual Layout Plan ଦାଖଲ କରିଅଛି ଏବଂ ଦାଖଲ କରିଥିବା Conceptual Layout Planକୁ ରାଜ୍ୟ ସରକାରଙ୍କ ଅଧିନସ୍ଥ ଜଳ ସମ୍ପଦ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଇଅଛି । ଅନୁମୋଦନ ଲାଭ ପରେ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ ହେବ ।

୩) ବାଲିମେଳା ଠାରେ ୫୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପମ୍ପଷ୍ଟୋରେଜ ପ୍ରକଳ୍ପ ସ୍ଥାପନ ପାଇଁ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ପ୍ରସ୍ତୁତି କାର୍ଯ୍ୟ ଚାଲୁଅଛି । WAPCOS ଇତିମଧ୍ୟରେ Topological Survey କାର୍ଯ୍ୟ ଶେଷ କରିଅଛି । WAPCOS Topographical Survey, ସଂଶୋଧିତ ପ୍ରାକ୍ ଆକଳନ ବିବରଣୀ,

Conceptual Layout Plan ଏବଂ Geological Mappingର ରିପୋର୍ଟ ଦାଖଲ କରିଅଛି । ଓଡିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ରାଜ୍ୟ ସରକାରଙ୍କ ଅଧିନସ୍ଥ ଜଳ ସମ୍ପଦ ବିଭାଗକୁ ପ୍ରକଳ୍ପ ନକ୍ସାର ଅନୁମୋଦନ ନିମନ୍ତେ ଅନୁରୋଧ କରାଯାଇଅଛି ।

୪) ଖଡଗ ଠାରେ ୬୩ ମେଗାୱାଟ୍ କ୍ଷମତା ବିଶିଷ୍ଟ ଜଳ ବିଦ୍ୟୁତ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) କାର୍ଯ୍ୟ WAPCOS ଦ୍ୱାରା ଚାଲୁଅଛି । WAPCOS Inception Report, Topographical Survey ର ରିପୋର୍ଟ ଦାଖଲ କରିଅଛି । ଓଡିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ରାଜ୍ୟ ସରକାରଙ୍କ ଅଧିନସ୍ଥ ଜଳ ସମ୍ପଦ ବିଭାଗକୁ ପ୍ରକଳ୍ପ ନକ୍ସାର ଅନୁମୋଦନ ନିମନ୍ତେ ଅନୁରୋଧ କରାଯାଇଅଛି । ଜଙ୍ଗଲ ବିଭାଗର ଅନୁମୋଦନ ଲାଭ କଲାପରେ ପ୍ରକଳ୍ପର ଭୂବୈଷୟୀକ ଅନୁସନ୍ଧାନ (Geo Technical Investigation) କାର୍ଯ୍ୟ ତ୍ୱରାନିତ ହେବ ।

୫) ସାଲକି ଜଳ ବିଦ୍ୟୁତ୍ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) କାର୍ଯ୍ୟ WAPCOS ଦ୍ୱାରା କରାଯାଉଅଛି । WAPCOS Conceptual Layout Plan Report ସ୍ୱୀକୃତି ପାଇଁ ଦାଖଲ କରିଅଛି । ଓଡିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ରାଜ୍ୟ ସରକାରଙ୍କ ଅଧିନସ୍ଥ ଜଳ ସମ୍ପଦ ବିଭାଗକୁ ପ୍ରକଳ୍ପର Conceptual Layout Plan Report କୁ ଅନୁମୋଦନ ନିମନ୍ତେ ଅନୁରୋଧ କରାଯାଇଅଛି ।

୬) ଚିପିଲିମା ଜଳ ବିଦ୍ୟୁତ୍ ପ୍ରକଳ୍ପର ୟୁନିଟ୍-୩ ର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ.୬୫.୬୭ କୋଟି ଟଙ୍କାର ଚୁକ୍ତି ବୁଝାମଣା ପତ୍ର ତା.୧୫.୧୦.୨୦୧୫ରେ ଭଏଥ୍ ହାଇଡ୍ରୋ ପ୍ରାଇଭେଟ୍ ଲିମିଟେଡ୍, ନୋଏଡା (Voith Hydro Private Limited, Noida) ସହ ସ୍ୱାକ୍ଷରିତ ହୋଇଅଛି । ତା.୦୭.୧୧.୨୦୧୯ ରେ ସଫଳତାର ସହ ୟୁନିଟର Test Synchronisation କାର୍ଯ୍ୟ କରାଯାଇଅଛି । ଏହାର ପୁନଃରୁଦ୍ଧାର ଓ ନବୀକରଣ କାର୍ଯ୍ୟ ଏବେ ପ୍ରଗତି କରୁଅଛି ଏବଂ ଏହି ଡିସେମ୍ବର, ୨୦୧୯ ରେ Commercial Operation କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଅଛି ।

୭) ହୀରାକୁଦ ଜଳ ବିଦ୍ୟୁତ୍ ପ୍ରକଳ୍ପ ୟୁନିଟ୍ ୫ ଓ ୬ ର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ.୧୫୮.୭୭ କୋଟି ଟଙ୍କାର ଚୁକ୍ତି ବୁଝାମଣା ପତ୍ର ତା.୧୬.୧୦.୨୦୧୫ରେ ଭଏଥ୍ ହାଇଡ୍ରୋ ପ୍ରାଇଭେଟ୍ ଲିମିଟେଡ୍, ନୋଏଡା (Voith Hydro Private Limited, Noida) ସହ ସ୍ୱାକ୍ଷରିତ ହୋଇଅଛି । ଏହାର ପୁନଃଉଦ୍ଧାର ଓ ନବୀକରଣ କାର୍ଯ୍ୟ ଏବେ ଚାଲୁଅଛି ଏବଂ ଏହାର ୟୁନିଟ୍-୬ ଏପ୍ରିଲ୍, ୨୦୨୦ ଓ ୟୁନିଟ୍-୫ ଜୁନ, ୨୦୨୦ ରେ ଶେଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଅଛି ।

୮) ବାଲିମେଳା ଜଳ ବିଦ୍ୟୁତ୍ ପ୍ରକଳ୍ପର ୟୁନିଟ୍ ୧ ରୁ ୬ (୬ଟି ୟୁନିଟ୍) ର ନବୀକରଣ ଓ ଆଧୁନିକୀକରଣ କାର୍ଯ୍ୟ ପାଇଁ ଟ.୩୮୨.୯୧ କୋଟି ଟଙ୍କାର ଚୁକ୍ତି ବୁଝାମଣା ପତ୍ର ତା.୨୧.୦୯.୨୦୧୬ ରେ M/s Bharat Heavy Electrical Limited ସହିତ ସ୍ୱାକ୍ଷରିତ ହୋଇଅଛି । ୟୁନିଟ୍–୧,୨ର ପୁରଣା ଯନ୍ତ୍ରପାତିକୁ ଭଙ୍ଗାଯାଇ ବାହାର କରାଯାଇଅଛି । ବର୍ତ୍ତମାନ ୟୁନିଟ୍–୧, ୨ର ସ୍ପାଇରାଲ କେସିଙ୍ଗ, Stay vane, Stay ring ପୁନଃଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି । ୟୁନିଟ୍ ୧ ଓ ୨ ରୁ ପୁନଃଉଦ୍ଧାର ଓ ନବୀକରଣ କାର୍ଯ୍ୟ ଚାଲୁଅଛି ଏବଂ ଡିସେମ୍ବର, ୨୦୨୦ରେ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

<u>ଓଡିଶା ସବୁଜ ଶକ୍ତି ଉନ୍ନୟନ ନିଗମ (GEDCOL) ସମ୍ପର୍କିତ ସଂକ୍ଷେପ ବିବରଣୀ</u>

(କ) <u>କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ବିକାଶ</u>

୧. ଅନୁନ୍ୟ ୧୯୨ ମେଗାୱାଟ୍ କ୍ଷମତାର, ୧୫ ଗୋଟି କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରାକ୍ ଆକଳନ ବିବରଣୀ ପ୍ରସ୍ତୁତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

୨. ଗଜପତି ଜିଲ୍ଲାରେ ଛେଳିଗଡ-୩ ଓ ୪ ପ୍ରକଳ୍ପର ପ୍ରାକ୍ ଆକଳନ ବିବରଣୀ ପ୍ରସ୍ତୁତି ଚାଲିଅଛି ।

୩. ମୟୁରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଜମ୍ଦିରା (୩ ମେଗାୱାଟ୍) ଓ କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ କାନୁପୁର (୪.୨ ମେଗାୱାଟ୍), କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ପାଇଁ ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି ସମ୍ପର୍ଣ୍ଣ ହୋଇସାରିଛି । ତା.୦୩.୧୦.୨୦୧୬ ରିଖରେ କାନୁପୁର କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ (SHEP) ର ରୂପାୟନ ନିମନ୍ତେ ସର୍ବୋଚ୍ଚ ମୁଖ୍ୟ ଯନ୍ତ୍ରୀ (ବିଦ୍ୟୁତ୍) (EIC-Electricity) ସହ ବୁଝାମଣା ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଅଛି । ଏହି ଦୁଇଟି ପ୍ରକଳ୍ପର ସ୍ଥାପନ ନିମନ୍ତେ ମେସର୍ସ ୱାପକସ୍ (M/s WAPCOS) ଦ୍ୱାରା ଟେଣ୍ଡର ଦସ୍ତାବିଜ ପ୍ରସ୍ତୁତି ହୋଇଅଛି ।

୪. GEDCOL ଓ ରାଉରକେଲା ଇସ୍ପାତ୍ ପ୍ରକଳ୍ପ ର ଯୌଥ ଉଦ୍ୟୋଗରେ ସୁନ୍ଦରଗଡ ଜିଲ୍ଲାର ମନ୍ଦିରା ଡ୍ୟାମ୍ ଠାରେ ୧୦ ମେଗାୱାଟ୍ ର କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ର ନିର୍ମାଣ କରାଯିବ । ଏହି ପ୍ରକଳ୍ପ ପାଇଁ ମେକନ (MECON) କମ୍ପାନୀ ଦ୍ୱାରା ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଅଛି । GEDCOL SAIL Power Corporation Limited (GSPCL) ନାମରେ ଏକ ଯୌଥ ଉଦ୍ୟୋଗ (JV Company) ତା.୦୬.୦୯.୨୦୧୮ ରିଖରେ ସ୍ଥାପନ କରାଯାଇଅଛି, ଯାହାଦ୍ୱାରା ଏହି ପ୍ରକଳ୍ପର ରୂପାୟନ ହେବ । ଏହି ପ୍ରକଳ୍ପର ଇ.ପି.ସି (EPC) ମାଧ୍ୟମରେ କାର୍ଯ୍ୟ ସମ୍ପାଦନ ନିମନ୍ତେ ଏକ ଟେଣ୍ଡର ଦସ୍ତାବିଜ WAPCOS ଦ୍ୱାରା ପ୍ରସ୍ତୁତି କରାଯାଇଅଛି । WAPCOS ପରିବର୍ତ୍ତିତ ଟେଣ୍ଡର ଦସ୍ତାବିଜ ଦାଖଲ କରିଅଛି । WAPCOS ଦାଖଲ କରିଥିବା ପରିବର୍ତ୍ତିତ ଟେଣ୍ଡର ଦସ୍ତାବିଜର ପରୀକ୍ଷଣ କାର୍ଯ୍ୟ ଚାଲୁଅଛି ।

(ଖ) <u>ସୌର ଶକ୍ତି ପ୍ରକଳ୍ପର ବିକାଶ</u>

୧. କଟକ ଓ ଭୁବନେଶ୍ୱରରେ ଥିବା ସରକାରୀ କୋଠାଘରର ଛାତ ଉପରେ ୪ (ଚାରି) ମେଗାୱାଟ୍ କ୍ଷମତା ସଂପନ୍ନ Roof Top ସୌର ପ୍ରକଳ୍ପ ସ୍ଥାପନ କରିବା ପାଇଁ ୨୦୧୬ ମସିହା ଜୁଲାଇ ମାସରେ M/s Azure Power Pvt. Ltd, CESU ଏବଂ GEDCOL ମଧ୍ୟରେ ପ୍ରକଳ୍ପ କାର୍ଯ୍ୟନ୍ୱୟନ ଚୁକ୍ତି (PIA) ସ୍ୱାକ୍ଷରିତ ହୋଇଅଛି । ତା.୩୧.୦୩.୨୦୧୯ ସୁଦ୍ଧା ଏହି ପ୍ରକଳ୍ପରେ ୪ ମେଗାୱାଟ୍ Roof Top ସୌର ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

୨. GEDCOL, IFC ନାମଙ୍କ ସଂସ୍ଥା ସହିତ Roof Top ସୌର ପ୍ରକଳ୍ପକୁ ଅନ୍ୟ ସହରରେ ସ୍ଥାପନ କରିବା ପାଇଁ Financial Advisory Services Agreement (FASA) ଚୁକ୍ତି ସ୍ୱାକ୍ଷରିତ କରିଅଛି । ଉପରୋକ୍ତ Roof Top ସୌର ପ୍ରକଳ୍ପକୁ ଓଡିଶାର ଅନ୍ୟ ସହର ଗୁଡିକରେ ଯଥା ସମ୍ବଲପୁର, ବୁର୍ଲା, ହିରାକୁଦ, ରାଉରକେଲା, ପୁରୀ, ଖୋର୍ଦ୍ଧା, ବ୍ରହ୍ମପୁର, ଛତ୍ରପୁର, ଜୟପୁର, କୋରାପୁଟ, ନବରଙ୍ଗପୁର, ସୁନାବେଡା, ବାଲେଶ୍ୱର, ଭଦ୍ରକ ଓ ବାରିପଦାରେ ସରକାରୀ କୋଠାଘର ଉପରେ ଅନୁନ୍ୟ ୧୮.୮ ମେଗାୱାଟ୍ କ୍ଷମତା ସଂପନ୍ନ Roof Top ସୌର ପ୍ରକଳ୍ପ ୬୧୨ ଗୋଟି କୋଠାଘର ଉପରେ ସ୍ଥାପନ କରିବା ପାଇଁ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ପ୍ରସ୍ତୁତି କରାଯାଇଅଛି । ଏଥି ସହିତ କଟକ ଓ ଭୁବନେଶ୍ୱରରେ ବାକି ରହିଥିବା ସରକାରୀ କୋଠାଘର ମାନଙ୍କରେ ମଧ୍ୟ ଏହି ପ୍ରକଳ୍ପ Gross Metering Model ମାଧ୍ୟମରେ ସ୍ଥାପନ କରାଯିବ । ଏହି ପ୍ରକଳ୍ପ ଭାରତ ସରକାରଙ୍କର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟର ଅନୁମୋଦନ ଲାଭ କରିଅଛି ଏବଂ ଟେଣ୍ଡର ଦସ୍ତାବିଜ୍ ପ୍ରସ୍ତୁତି ସରିଅଛି ।

୩. ୨୭୫ ମେଗାୱାଟ୍ ସୋଲାର ପାର୍କ ପ୍ରକଳ୍ପ ପାଇଁ ସମ୍ବଲପୁର ଓ ବୌଦ୍ଧ ଜିଲ୍ଲାର ପାଞ୍ଚ ଗୋଟି ଜାଗାରେ ଜମି ଚିହ୍ନଟ କରାଯାଇଛି ଏବଂ ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) ପ୍ରସ୍ତୁତି କାର୍ଯ୍ୟ ସରିଅଛି । ଏଥି ମଧ୍ୟରେ ବିସ୍ତୃତ ପ୍ରକଳ୍ପ

ବିବରଣୀ (DPR) କୁ MNRE ଅନୁମୋଦନ କରିଅଛି । ଏଥିରୁ ଉତ୍ପାଦିତ ବିଦ୍ୟୁତ୍ କୁ ସ୍ଥାନାନ୍ତର କରିବା ପାଇଁ OPTCL ଦ୍ୱାରା ସରବରାହ ଭିତ୍ତିଭୂମିର ବିକାଶ କରାଯାଉଅଛି ଏବଂ ଏହାର ବିସ୍ତୃତ ପ୍ରକଳ୍ପ ବିବରଣୀ (DPR) କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧୀକରଣ (CEA) ଦ୍ୱାରା ଅନୁମୋଦନ ଲାଭ କରିଅଛି । OPTCL ଦ୍ୱାରା ନିବିଦା ପତ୍ର (NIT) ଆମନ୍ତ୍ରଣ କରାଯାଇଅଛି । ଏହି ପ୍ରକଳ୍ପ ଭାରତ ସରକାରଙ୍କର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରାଳୟ (MNRE) ତା.୨୮.୦୧.୨୦୧୯ ରିଖରେ ଅନୁମୋଦନ ଲାଭ କରିଅଛି । ଏହି ପ୍ରକଳ୍ପର ଖର୍ଚ୍ଚ ଟ.୧୯୯.୧୭ କୋଟି ଟଙ୍କା (MNRE Grant ଟ.୨୯.୫ କୋଟି) ।

ଓଡିଶା ଶକ୍ତି ଉତ୍ପାଦନ ନିଗମ (OPGC)

ଓପିଜିସି କମ୍ପାନୀ ଆଇନ, ୧୯୫୬ ଅନୁଯାୟୀ ୧୯୮୪ ମସିହାରେ ଏକକ କମ୍ପାନୀ ଭାବରେ ପରିଲିକ୍ଷିତ ହୋଇଅଛି । ଏହା ଏକ ଗୋଲ୍ଡ କ୍ୟାଟେଗୋରି କମ୍ପାନୀ ଅଟେ । ଏହା କୋଇଲା ଭିତ୍ତିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ସ୍ଥାପନ, ଏହାର ମରାମତି, ବିଦ୍ୟୁତ୍ ସରବରାହ, ସବଷ୍ଟେସନ ସ୍ଥାପନ କରିବା ଉତ୍ୟାଦି ଏବଂ ଆବଶ୍ୟକ ପଡୁଥିବା ଜାଳେଣି ଯଥା- କୋଇଲା, ଲିଗ୍ନାଇଟ୍, କୋକ୍ କୋଲବେଡ୍ ମିଥାଇନ୍ ଇତ୍ୟାଦି ଯୋଗାଡ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଉଅଛି । ତା.୩୧.୩.୨୦୧୯ ସୁଦ୍ଧା ଓପିଜସିର ଅଥରାଇଜଡ୍ ଅଂଶଧନ- ଟ.୩୦୦୦.୦୦ କୋଟି ଟଙ୍କା ଏବଂ ପେଡ୍ ଅପ୍ ଅଂଶଧନ - ଟ.୧୮୨୨.୪୯୭୪ କୋଟି ଟଙ୍କା ଅଟେ ।

କ) ସାଧାରଣ ସୂଚନା

୧. କମ୍ପାନୀର ପଞ୍ଜିକୃତ ସମୟ –

କମ୍ପାନୀ ଆକ୍ଟ ୧୯୫୬ ଅନୁଯାୟୀ ଓପିଜିସି ୧୯୮୪ ମସିହାରେ ପଞ୍ଜିକୃତ ହୋଇଅଛି ।

୨. କମ୍ପାନୀର ସ୍ଥିତି:-

ଏହା ଓଡିଶା ସରକାରଙ୍କ ଏକ ସ୍ୱର୍ଣ୍ଣଶ୍ରେଣୀ ଅନ୍ତର୍ଭୁକ୍ତ କମ୍ପାନୀ ଅଟେ ।

ଲକ୍ଷ୍ୟ :-

ବିଦ୍ୟୁତ ଶକ୍ତି ଉତ୍ପାଦନ କେନ୍ଦ୍ରର ସ୍ଥାପନ, ରକ୍ଷଣାବେକ୍ଷଣ, ପରିଚାଳନା କରିବା ଏବଂ ବିଦ୍ୟୁତ ସବ୍ ଷ୍ଟେସନ ହିତତାର ସଂଯୋଗୀ କରଣ ଏବଂ ବିଦ୍ୟୁତ ଶକ୍ତି ର ସରବରାହ କରିବା ।

ଜାଳେଣୀ ଯଥା ;- କୋଇଲା, ଲିଗନାଇଟ, କୋକବେଡ, ମିଥେନ ଇତ୍ୟାଦି ବ୍ୟବହାର ର ଉନ୍ନତି ପାଇଁ ଚୁକ୍ତି ପତ୍ର ସ୍ୱାକ୍ଷରକରିବା ।

୩. ଅଂଶଧନ:-

ଅଥରାଇଜଡ୍ – ଟ.୩୦୦୦.୦୦ କୋଟି ଟଙ୍କା

ପେଡ ଅପ୍ – ଟ.୧୮୨୨.୪୯୭୪ କୋଟି ଟଙ୍କା (ତା.୩୧.୩.୨୦୧୯)

ରିଜର୍ଭ ସରପ୍ଲସ୍ – ଟ.୧୧୩୩.୦୦ କୋଟି

ନେଟ ୱର୍ଥ – ଟ.୨୭୧୪.୦୦ କୋଟି (ଆନୁମାନିକ)

ଫିକ୍ସଡ୍ ଆସେଟ – ଟ.୧୦୩୮୯.୦୦ କୋଟି (ଆନୁମାନିକ)

ଅଂଶୀଦାର :-

ଅଂଶୀଦାର	ଅଂଶଧନ ଶତକଡା	ଅଂଶଧନ ସଂଖ୍ୟା	ମୂଲ୍ୟ ଟଙ୍କାରେ
ଓଡିଶା ସରକାର	୫୧ ପ୍ରତିଶତ	୯୨,୯୪,୭୩୭	୯୨୯,୪୭,୩୭,୦୦୦
ଏ.ଇ.ଏସ୍	୪୯ ପ୍ରତିଶତ	୮୯,୩୦,୨୩୭	୮୯୩,୦୨,୩୭,୦୦୦
ମୋଟ	**୧୦୦ପ୍ରତିଶତ**	**୧୮୨,୨୪,୯୭୪**	**୧୮୨୨,୪୯,୭୪,୦୦୦**

୪. ଅଦ୍ୟାବଧି ଲାଭାଂଶ ଘୋଷଣା – (ଆର୍ଥୀକ ବର୍ଷ ୨୦୧୬-୧୭ ପର୍ଯ୍ୟନ୍ତ ୨୦୧୭-୧୮ ରେ ଘୋଷିତ)

ମୋଟ ଲାଭାଂଶ ବ୍ୟୟ – ଟ.୧୪୧୧.୦୮ କୋଟି ଟଂକା
ଓଡିଶା ସରକାର (୫୧ %) – ଟ.୭୩୬.୧୬ କୋଟି ଟଂକା
ଏ.ଇ.ଏସ୍ - (୪୯ %) – ଟ.୬୭୪.୯୨ କୋଟି ଟଂକା

୫. ଓପିଜିସିରେ ଓଡିଶା ସରକାରଙ୍କ ଦ୍ୱାରା ପୁଞ୍ଜିନିବେଶ ଏବଂ ଲାଭାଂଶ ପ୍ରାପ୍ତ :

ପ୍ରାଥମିକ ପୁଞ୍ଜିନିବେଶ –ଟ. ୪୫୦.୦୦ କୋଟିଟଂକା
୧୯୯୮ ମସିହାରେ ୪୯% ପୁଞ୍ଜି ପ୍ରତ୍ୟାହାର (ଟ.୬୦୩.୦୦ କୋଟି)
ପରବର୍ତ୍ତୀ ସମୟରେ ଅଂଶଧନର ସ୍ଥିତି ଉପରେ ପ୍ରଦର୍ଶିତ କ୍ର.ନଂ.୩ ରେ ଉଲ୍ଲେଖ କରାଯାଇଛି ।
୨୦୧୭-୧୮ ବର୍ଷ ପର୍ଯ୍ୟନ୍ତ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ମୋଟ ଲାଭାଂଶ ଟ. ୭୩୬.୧୬ କୋଟି ।

(ଖ) ୟୁନିଟ-୧ ଏବଂ ୨ ର ଦୃଷ୍ଟାନ୍ତମୂଳକ କାର୍ଯ୍ୟ:-

ଓପିଜିସି ଝାରସୁଗୁଡା ଜିଲ୍ଲାର ବନହରପାଲ୍ଲି ଠାରେ ଇବ୍ ଥର୍ମାଲ ପାୱାର ଷ୍ଟେସନ ନାମରେ ୨ଟି ୨୧୦ ମେଗାୱାଟ ଶକ୍ତି ସମ୍ପର୍ଣ୍ଣ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଟ.୧୧୩୫.୦୦ କୋଟି ଟଙ୍କା ବ୍ୟୟରେ ସ୍ଥାପନ କରିଅଛି ।
ପ୍ରକଳ୍ପ ଗୁଡିକର ସ୍ଥାପନ ତାରିଖ;
ୟୁନିଟ୍-୧ ଇବ୍ ଥର୍ମାଲ ପାୱାର ଷ୍ଟେସନ (୨୧୦ ମେଗାୱାଟ)- ତା.୨୧.୧୨.୧୯୯୪
ୟୁନିଟ୍-୨ଇବ୍ ଥର୍ମାଲ ପାୱାର ଷ୍ଟେସନ(୨୧୦ ମେଗାୱାଟ)- ତା.୦୧.୦୭.୧୯୯୬

ବିଗତ ୭ ବର୍ଷ ମଧ୍ୟରେ ଉତ୍ପାଦିତ ହୋଇଥିବା ବିଦ୍ୟୁତ୍ ଶକ୍ତିର ପରିମାଣ ଏବଂ ଲାଭ

ବର୍ଷ	ବିଦ୍ୟୁତ ଶକ୍ତି ଉତ୍ପାଦନ (ମିଲିୟନ ୟୁନିଟରେ)	ପ୍ଲାଣ୍ଟ ଲୋଡ ଫ୍ୟାକ୍ଟର(%)	ଟର୍ଣ୍ଣ ଓଭର (ଟଙ୍କା କୋଟିରେ) ଅନ୍ୟ ଆୟ ସହିତ	ନିଟ୍ ଲାଭ (କୋଟିରେ) (ଟ୍ୟାକ୍ସ ଦେୟ ପରେ)
୨୦୧୨-୧୩	୩୧୮୧.୫୯	୮୬.୪୭	୬୩୬.୦୩	୧୬୭.୪୩
୨୦୧୩-୧୪	୨୮୫୫.୯୦	୭୭.୬୨	୬୨୨.୬୪	୧୨୭.୫୭
୨୦୧୪-୧୫	୨୭୯୮.୯୨	୭୬.୦୭	୬୩୦.୦୦	୧୫୦.୫୭
୨୦୧୫-୧୬	୩୧୧୭.୩୨	୮୪.୭୩	୭୦୫.୯୪	୧୧୪.୮୩
୨୦୧୬-୧୭	୩୨୩୪.୮୮	୮୭.୯୨	୭୫୮.୦୯	୬୭.୯୨
୨୦୧୭-୧୮	୨୮୪୨.୩୫	୭୭.୨୫	୬୦୭.୧୯	୫.୭୨
୨୦୧୮-୧୯	୩୦୮୫.୪୫	୮୩.୮୬	୮୯୭.୮୬	୧୬୬.୮୮

(ଗ) ଓପିଜିସି ସମ୍ପ୍ରସାରଣ ପ୍ରକଳ୍ପର ସ୍ଥିତି (ୟୁନିଟ- ୩ ଏବଂ ୪)

ଓପିଜିସି ଏହାର ପ୍ରଥମ ଦୁଇଟି ପ୍ରକଳ୍ପ ସ୍ଥାନରେ ଏହାର ସମ୍ପ୍ରସାରଣ ପ୍ରକଳ୍ପ ତଥା ୩ୟ ଏବଂ ୪ର୍ଥ ୟୁନିଟ (୨ X ୬୬୦ ମେଗାୱାଟ) ଶକ୍ତି ସମ୍ପର୍ଣ୍ଣ ଏବଂ ନିଜସ୍ୱ ଏମ.ଜି.ଆର. (ରେଳବ୍ୟବସ୍ଥା) ପାଇଁ ଟ.୧୦,୧୬୫.୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହାର ସ୍ଥାପନ କାର୍ଯ୍ୟ ଚାଲୁରଖିଛି । ଏହିପ୍ରକଳ୍ପ ର ନିର୍ମାଣ କାର୍ଯ୍ୟ ପାଇଁ ବି.ଏଚ.ଇ.ଲ୍. ବଏଲର, ଟରବାଇନ ଜେନେରେଟର ପ୍ୟାକେଜ ପାଇଁ, ବିଜିଆର.ଇ, ଅବଶିଷ୍ଟ ଯନ୍ତ୍ରାଂଶ ପାଇଁ ଏଲ. ଆଣ୍ଡ.ଟି. ଏମ.ଜି.ଆର. (ରେଳବ୍ୟବସ୍ଥା) ପାଇଁ ଶ୍ରୀବାଲାଜି ଇଂଜିକନ୍ ପ୍ରା. ଲିଃ., ପାଉଁଶ ପୋଖରୀ ପାଇଁ ଏନ.ସି.ସି. ସହରୀକରଣ ପାଇଁ ନିୟୋଜିତ ହୋଇଛନ୍ତି । ଉଭୟ ପ୍ରକଳ୍ପର ବ୍ୟବସାୟୀକ ଉତ୍ପାଦନ ସଠିକ ଭାବେ ଆରମ୍ଭ ହୋଇ ଉତ୍ପାଦନ ଚାଲୁରହିଛି । ବର୍ତ୍ତମାନର ସ୍ଥିତି ନିମ୍ନରେ ପ୍ରଦାନ କରାଗଲା ।

ନଭେମ୍ବର ମାସ ୨୦୧୯ ମସିହା ସୁଦ୍ଧା ନିର୍ମାଣ କାର୍ଯ୍ୟ ;-

ମୂଖ୍ୟ ଯନ୍ତ୍ର ସ୍ଥାପନ	ନିର୍ମାଣ କାର୍ଯ୍ୟ (ଶତକଡାରେ)
ବଏଲର, ଟରବାଇନ, ଜେନେରେଟର	୯୯.୮ %
ବି.ଓ.ପି. (ଅନ୍ୟାନ୍ୟ ଯନ୍ତ୍ରାଂଶ)	୯୮.୩ %
ଏମ.ଜି.ଆର. (ରେଳ ବ୍ୟବସ୍ଥା)	୮୭.୯ %

ଆସପଣ୍ଡ (ଫେଜ-୧)	୯୪%

ମୂଖ୍ୟ ଘଟଣା

ଘଟଣା	ବଏଲରରେ ଅଗ୍ନି ସଂଯୋଗ	ସିଂକ୍ରୋନାଇଜେସନ	ବ୍ୟବସାୟିକ ଉତ୍ପାଦନ
ୟୁନିଟ-୩	ନଭେମ୍ବର,୨୦୧୮	ମାର୍ଚ୍ଚ ,୨୦୧୯	ତା.୦୩.୦୭.୨୦୧୯
ୟନିଟ-୪	ଅଗଷ୍ଟ-,୨୦୧୮	ଜାନୁୟାରୀ,୨୦୧୯	ତା.୨୧.୮.୨୦୧୯

ଅନୁମୋଦିତ ଖର୍ଚ୍ଚ – ଟ.୧୦,୧୬୫.୦୦ କୋଟି ଟଙ୍କା (ଅକ୍ଟୋବର ,୨୦୧୯ ପର୍ଯ୍ୟନ୍ତ)		
ଋଣ	୭୫% (ଟ.୭୬୨୪.୦୦ କୋଟି ଟଙ୍କା)	ପି.ଏଫ.ସି ଏବଂ ଆର.ଇ.ସି.ରୁ ଋଣ
ଅଂଶଧନ	୨୫% (ଟ.୨୫୪୧.୦୦ କୋଟି ଟଙ୍କା)	ଓପିଜିସି ର ଆଭ୍ୟନ୍ତରିଣ ଜମା ଓଡିଶା ସରକାରଙ୍କ ଦେୟ ଏ.ଇ.ଏସ.ଙ୍କ ଦେୟ
ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ଖର୍ଚ୍ଚ (ଟ.୯,୭୫୯.୨୬ କୋଟି)		
ଋଣ	ଟ.୭୪୦୮.୨୮ କୋଟି ଟଙ୍କା	ପି.ଏଫ.ସି ଏବଂ ଆର.ଇ.ସି.ରୁ ଋଣ
ଅଂଶଧନ	ଟ.୨୩୫୦.୯୮ କୋଟି ଟଙ୍କା	ଓଡିଶା ସରକାରଙ୍କ ଦେୟ ଏ.ଇ.ଏସ.ଙ୍କ ଦେୟ ଅବଶିଷ୍ଟ ଓପିଜିସି ର ଆଭ୍ୟନ୍ତରିଣ ଜମା

ହେବାକୁ ଥିବା ଖର୍ଚ୍ଚ	ଟ.୪୦୫.୭୪ କୋଟି ଟଙ୍କା
ଋଣ	ଟ.୨୧୫.୭୨ କୋଟି ଟଙ୍କା
ଅଂଶଧନ	ଟ.୧୯୦.୦୨ କୋଟି ଟଙ୍କା

ଓପିଜିସି ର ବର୍ତ୍ତମାନ ପ୍ରକଳ୍ପ ଗୁଡିକର ଉତ୍ପାଦନ କ୍ଷମତା ;-

କ୍ର.ନଂ.	ବିଦ୍ୟୁତର ପ୍ରକାର	କ୍ଷମତା
୧	ତାପଜ	୧୭୪୦ ମେଗାୱାଟ (୨ X ୨୧୦ ମେଗାୱାଟ + ୨x୬୬୦ ମେଗାୱାଟ)

ଉକ୍ତ ପ୍ରକଳ୍ପ ଦ୍ୱୟରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ଶକ୍ତି ଗ୍ରୀଡକୋକୁ ଦିଆଯିବ ବୋଲି ପିପିଏ/ ଓଇଆରସି ଏକ ଦୀର୍ଘମିଆଦି ଚୁକ୍ତି ଅନୁସାରେ ସ୍ଥିରିକୃତ ହୋଇଅଛି ।

କର୍ପୋରେଟ ସାମାଜିକ ଦାୟିତ୍ୱ ବୋଧତା - ଅପଡେଟ

ବିଗତ ୫ ବର୍ଷ ମଧ୍ୟରେ ଓପିଜିସି-୧ ପାଇଁ ହୋଇଥିବା ଖର୍ଚ୍ଚ ନିମ୍ନରେ ପ୍ରଦାନ କରାଗଲା ।

ଆର୍ଥୀକ ବର୍ଷ ୨୦୧୪-୧୫ – ଟ.୧.୧୭ କୋଟି ଟଙ୍କା

ଆର୍ଥୀକ ବର୍ଷ ୨୦୧୫-୧୬ – ଟ.୨.୬୮ କୋଟି ଟଙ୍କା

ଆର୍ଥୀକ ବର୍ଷ ୨୦୧୬-୧୭ – ଟ.୩.୨୪ କୋଟି ଟଙ୍କା

ଆର୍ଥୀକ ବର୍ଷ ୨୦୧୭-୧୮ – ଟ.୧.୪୨ କୋଟି ଟଙ୍କା

ଆର୍ଥୀକ ବର୍ଷ ୨୦୧୮-୧୯ – ଟ.୧.୫୫ କୋଟି ଟଙ୍କା

ଆର୍ଥୀକ ବର୍ଷ ୨୦୧୯-୨୦ – ଟ.୩.୧୦ କୋଟି ଟଙ୍କା (ଲକ୍ଷ୍ୟ)

ଓପିଜିସି ୨ ନିର୍ମାଣ ସମୟ ଅବଧିରେ ସାମାଜିକ ଦାୟିତ୍ୱ ବୋଧତା ବାବଦକୁ ଟ.୨୪.୩୬ କୋଟି ଟଙ୍କା ବ୍ୟୟ କରାଯିବ ବୋଲି ପ୍ରସ୍ତାବ ରହିଛି । ସେଥି ମଧ୍ୟମରୁ ଟ.୧୪.୫୦ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଛି ଏବଂ ଅବଶିଷ୍ଟ ଅର୍ଥର କାର୍ଯ୍ୟାଦେଶ ଦିଆଯାଇଛି । ସାମାଜିକ ଦାୟିତ୍ୱ ବୋଧତା ଅନ୍ତର୍ଗତ ମୂଖ୍ୟ ବିନିଯୋଗ ସ୍ଥଳ ହେଉଛି - ସ୍ୱାସ୍ଥ୍ୟ ପାଇଁ ପ୍ରତିଷେଧକ

ବ୍ୟବସ୍ଥା, ନିରାପଦ ପାନୀୟ ବ୍ୟବସ୍ଥା, ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥାର ଉନ୍ନତି, ଆତ୍ମନିର୍ଭର ଶୀଳତା ବୃଦ୍ଧି, ଆତ୍ମନିର୍ଭରଶୀଳତା ପାଇଁ ତାଲିମ ପ୍ରଦାନ, ଶିକ୍ଷା, ଗ୍ରାମ୍ୟ ଖେଳ କୁଦ ତାଲିମ ପ୍ରଦାନ, ଗ୍ରାମ୍ୟର ଉନ୍ନତି କରଣ ଇତ୍ୟାଦି ।

ଓ.ପି.ଟି.ସି.ଏଲ୍ ର ପ୍ରମୁଖ କାର୍ଯ୍ୟାବଳୀ (୨୦୧୯-୨୦ ଆର୍ଥିକ ବର୍ଷରେ ନଭେମ୍ବର ପର୍ଯ୍ୟନ୍ତ)

ଓଡିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେଶନ ଲିମିଟେଡ୍, ବିଭିନ୍ନ ଆନ୍ତରାଜ୍ୟ ଓ ଅର୍ନ୍ତରାଜ୍ୟ ଟ୍ରାନ୍ସମିଶନ୍ ଲାଇନ୍ ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଠାରୁ ବିଦ୍ୟୁତ୍ ବ୍ୟବହାର କେନ୍ଦ୍ର ପର୍ଯ୍ୟନ୍ତ ବିଦ୍ୟୁତ୍ ପରିବହନ କାର୍ଯ୍ୟ ସମ୍ପାଦନ କରିଥାଏ ।

ଓ.ପି.ଟି.ସି.ଏଲ୍ ର ବର୍ତ୍ତମାନର ଭିତ୍ତିଭୂମି ନିମ୍ନରେ ପ୍ରଦାନ କରାଗଲା:-

୧. ସୁଇଚିଙ୍ଗ ଷ୍ଟେସନକୁ ମିଶାଇ ସମୁଦାୟ ୧୫୫ ଟି ଗ୍ରୀଡ ସବଷ୍ଟେସନର ମୋଟ ୨୦୩୭୬ ଏମ୍.ଭି.ଏ. କ୍ଷମତା ।

୨. ୪୦୦ କେଭି, ୨୦୦ କେଭି, ୧୩୨ କେଭି କ୍ଷମତା ବିଶିଷ୍ଟ ମୋଟ ୧୪୨୫୦.୩୯୫ ସର୍କିଟ କିଲୋମିଟର ଟ୍ରାନ୍ସମିଶନ୍ ଲାଇନ୍ ।

ବର୍ତ୍ତମାନ ରାଜ୍ୟରେ ଆବଶ୍ୟକତା ଥିବା ପାଖାପାଖି ୪୨୦୦ ମେଗାୱାଟ (ସର୍ବାଧିକ) ବିଦ୍ୟୁତ୍ ଶକ୍ତିକୁ ଉପରୋକ୍ତ ଲାଇନ୍ ଓ ଗ୍ରୀଡ ସବ୍ ଷ୍ଟେସନ୍ ମାଧ୍ୟମରେ ସରବରାହ କରାଯାଉଛି ।

କ. ଅପରେଶନ ଓ ମେଣ୍ଟେନାନ୍ସ ବିଭାଗର କାର୍ଯ୍ୟ ବିବରଣୀ (୨୦୧୯-୨୦ ଆର୍ଥିକ ବର୍ଷରେ, ନଭେମ୍ବର ପର୍ଯ୍ୟନ୍ତ) ଶେଷ ହୋଇଥିବା କାର୍ଯ୍ୟ:-

୧. ଚାରୋଟି ଗ୍ରୀଡ ସବ୍ ଷ୍ଟେସନ୍ ରେ ୧୭୦ ଏମ୍.ଭି.ଏ. ଟ୍ରାନ୍ସଫରମେଶନ କ୍ୟାପାସିଟିର (Transformation Capacity) ସଂଯୋଗୀକରଣ ।

୨. ୧୩୨ କେଭି ନିଉ ବଲାଙ୍ଗିର-ପାଟନାଗଡ, ୧୩୨ କେଭି ଆଖୁସିଂଘ-ରାଜଗାଙ୍ଗପୁର ସିଙ୍ଗିଲ ସର୍କିଟ ଲାଇନ୍ ର ଡବଲ ସର୍କିଟ ଲାଇନ୍ କୁ ଉନ୍ନତିକରଣ ।

୩. ୧୩୨ କେଭି ସୁଇଚିଙ୍ଗ ଷ୍ଟେସନରୁ ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ କୁ ଉନ୍ନତୀକରଣ ।

୪. ୧୩୨ କେଭି ଫିଡର୍ Bay ର ସ୍ଥାପନ, ସୁନାବେଡା, ନିଉ ବୋଲାଙ୍ଗିର-ପାଟନାଗଡ ।

୫. ୨୨୦ କେଭି ଓ ୧୩୨ କେଭି ଟ୍ରାନ୍ସଫର୍ମର Bay ର ସ୍ଥାପନ- ନିଉ ବଲାଙ୍ଗିର, ଥେରୁବାଲି, ମେଣ୍ଢାଶାଳ, ରେଢାଖୋଲ, ପଦ୍ମପୁର ।

୬. ସବ୍ ଷ୍ଟେସନ୍ ଅଟୋମେସନ ସିଷ୍ଟମ (ଏସ୍.ଏ.ଏସ୍)- ୧୩୨/୩୩ କେଭି ଯାଜପୁର ରୋଡ, କେନ୍ଦ୍ରାପଡା ଗ୍ରୀଡ ସବ୍ ଷ୍ଟେସନ୍ ରେ ଆ.ଇ.ସି ୬୧୮୫୦ ସୁରକ୍ଷା ବ୍ୟବସ୍ଥା ସହ ପ୍ରୋଟେକ୍ସନ୍ ଏବଂ ଏସ୍.ଏ.ଏସ୍ ର ଉନ୍ନତିକରଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି ।

୭. ଆ.ଇ.ସି. ୬୧୮୫୦ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ବସ୍ତା, ଅନୁଗୁଳ କୋଣାର୍କ, ଶାମୁକା, କୁଚିଣ୍ଡା, କରଞ୍ଜିଆ ଏବଂ ଆନନ୍ଦପୁର ଠାରେ ସବ୍ ଷ୍ଟେସନ୍ ଅଟୋମେଶନ ସିଷ୍ଟମ କାର୍ଯ୍ୟ ସରିଯାଇଅଛି ।

ଚାଲୁ ରହିଥିବା କାର୍ଯ୍ୟ:-

୧. ୨୦୧୯-୨୦ ଆର୍ଥିକ ବର୍ଷରେ ପନ୍ଦରଟି ଗ୍ରୀଡ ସବ୍ ଷ୍ଟେସନ୍ ରେ ୪୭୭.୫ ଏମ୍.ଭି.ଏ ଟ୍ରାନ୍ସଫର ମେଶନ କ୍ୟାପାସିଟିର (Transformation Capacity) ସଂଯୋଗୀକରଣ ।

୨. ୧୩୨ କେଭି ପାରାଦ୍ୱୀପ-ଜଗତସିଂହପୁର, ଜୟନଗର-ସୁନାବେଡା, ଜୟନଗର-ତେନ୍ତୁଳୀଖୁଣ୍ଟି, ନିଉ ବଲାଙ୍ଗିର-ସୋନପୁର, ସିଙ୍ଗିଲ ସର୍କିଟ ଲାଇନ୍ କୁ ଡବଲ ସର୍କିଟ ଲାଇନ୍ ରେ ପରିଣତ ।

୩. ବୁଢିପଦର, ନିଉ ବଲାଙ୍ଗିର, ଭବାନୀପାଟଣା, ସମ୍ବଲପୁର, ଫୁଲନଖରା, ରାୟଗଡା, ଜୟନଗର, ଚାନ୍ଦପୁର ଏବଂ କାଲୁଙ୍ଗା ରେ ଟ୍ରାନ୍ସଫରମର୍ Bay ର ସଂଯୋଗୀକରଣ ।

୪. ବ୍ରହ୍ମପୁର-ଦିଗପହଣ୍ଡି, କେନ୍ଦ୍ରାପଡା-ପାରାଦ୍ୱୀପ ୧ ଓ ୨, ୨୨୦ କେଭି ଯୋଡା-ଟିଟିପିଏସ୍-୨, ୨୨୦ କେଭି ମେରାମୁଣ୍ଡଳୀ-ଭଞ୍ଜନଗର-୨, ୧୩୨ କେଭି ଟିଟିପିଏସ୍ ଡୁବୁରି-୨ ଏବଂ ୧୩୨ କେଭି ଦିଗପହଣ୍ଡି-ମୋହନା ରେ ଲାଇନ୍ ରେ ପୁରୁଣା ତାର ବଦଳା ଯାଉଅଛି ।

୫. ସବ୍ ଷ୍ଟେସନ୍ ଅଟୋମେଶନ ସିଷ୍ଟମ (ଏସ୍.ଏ.ଏସ୍)-ଆ.ଇ.ସି. ୬୧୮୫୦ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ଆସ୍କା, ରାୟଗଡା, ବ୍ରଜରାଜନଗର ଏବଂ ସମ୍ବଲପୁର ଠାରେ ସବଷ୍ଟେସନ ଅଟୋମେଶନ ସିଷ୍ଟମ କାର୍ଯ୍ୟ ଚାଲୁଅଛି ।

୬. ଆ.ଇ.ସି. ୬୧୮୫୦ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ଦୁଇଟି ସବଷ୍ଟେସନ୍ ୧୩୨/୩୩ କେଭି ସବ୍ ଷ୍ଟେସନ୍ କେଶୁରା, ଭବାନିପାଟଣା ଏବଂ ଗୋଟିଏ ୪୦୦ କେଭି ସବ୍ ଷ୍ଟେସନ୍ ମେଣ୍ଢାଶାଳ ଠାରେ ସବଷ୍ଟେସନ ଅଟୋମେଶନ ସିଷ୍ଟମ କାର୍ଯ୍ୟ ଚାଲୁଅଛି ।

୭. ଆ.ଇ.ସି. ୬୧୮୫୦ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ୧୬ ଟି ସବଷ୍ଟେସନ୍ ନିମ୍ନରେ ପ୍ରଦାନ କରାଗଲା ।

କ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଭୁବନେଶ୍ୱର ।

ଖ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ସୁନାବେଡା ।

ଗ) ୨୨୦/୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ନୟାଗଡ ।

ଘ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଖୋର୍ଦ୍ଧା ।

ଙ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ରାଇରଙ୍ଗପୁର ।

ଚ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଢେଙ୍କାନାଳ ।

ଛ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ପୁରୀ ।

ଜ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ପୁଲନଖରା ।

ଝ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଚାନ୍ଦପୁର ।

ଞ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଖରଗପ୍ରସାଦ ।

ଟ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ରଣସିଂଗପୁର ।

ଠ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ବାଙ୍କୀ ।

ଡ) ଝାରସୁଗୁଡା ।

ଢ) ଖଜୁରୀକଟା ।

ନ) ୧୩୨/୩୩ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଲକ୍ଷ୍ମିପୁର ।

୮. ଓ.ପି.ଟି.ସି.ଏଲ୍. ର ଆର୍ଥିକ ସହାୟତାରେ ନିମ୍ନଲିଖିତ ୭ ଟି ସବ୍ ଷ୍ଟେସନ୍ ଠାରେ ଅଟୋମେସନ ସିଷ୍ଟମ କାର୍ଯ୍ୟ କରାଯିବା ପାଇଁ ପି.ଏସ୍.ଡି.ଏଫ୍. ର ଆର୍ଥିକ ଅନୁମୋଦନ ସହ ଓ.ପି.ଟି.ସି.ଏଲ୍. ର ସି.ପି.ସି ଶାଖା ରେ ଟେଣ୍ଡର ପ୍ରକ୍ରିୟା କାର୍ଯ୍ୟ ଚାଲୁଅଛି । ୨୨୦/୧୩୨/୩୩ କେଭି ସବ୍ ଷ୍ଟେସନ୍ – ତାରକେରା, ବିଡାନାଶି, ପାରାଦ୍ୱିପ, ବୁଢିପଦର, ବାଲେଶ୍ୱର, ନରେନ୍ଦ୍ରପୁର, ନିଉ ବଲାଙ୍ଗିର ଏବଂ କଟାପାଲି ।

୯. ଗ୍ରୀଡ ସବ୍ ଷ୍ଟେସନ୍ ର ସୁଇଚ୍ ୟାର୍ଡ ମାନଙ୍କରେ ଏଲ୍.ଇ.ଡି ଲାଇଟ୍ ଏବଂ କଣ୍ଟ୍ରୋଲ ରୁମ୍ ରେ ତାରକା ଚିହ୍ନିତ ଶୀତ ତାପ ନିୟନ୍ତ୍ରିତ ଯନ୍ତ୍ର (Star Rated A.C) ଲଗାଯାଉଛି ।

୧୦. ପୁରୁଣା ବେକ୍ରରସ୍, ସି.ଟି, ପି.ଟି, ଏଲ୍.ଏ ଆଇସୋଲେଟରସ୍ ଏବଂ ରିଲେ ଇତ୍ୟାଦି କେତେକ ଗ୍ରୀଡ ସବ୍ ଷ୍ଟେସନ୍ ରେ ବଦଳା ଯାଉଛି ।

୧୧. ପି.ଏସ୍.ଡି.ଏଫ୍. ର ଆର୍ଥିକ ଆନୁକୁଲ୍ୟରେ ୧୩୨ କେଭି ଏବଂ ତଦୂର୍ଦ୍ଧ ପାହ୍ୟାରେ ଓ.ପି.ଜି.ଡବ୍ଲୁ କେବୁଲ ସହାୟତାରେ ଅତି ସୁବିଧାଜନକ ଟେଲି ଯୋଗାଯୋଗର କାର୍ଯ୍ୟ ଟେଲିକମ୍ ୱିଙ୍ଗ୍ ର ତତ୍ତ୍ୱାବଧାନରେ ଚାଲୁଅଛି ।

୧୨. ପି.ଏସ୍.ଡି.ଏଫ୍. ର ଆର୍ଥିକ ଆନୁକୁଲ୍ୟରେ ଏ.ଡି.ଏମ୍.ଏସ୍ (Automatic Demand Management Scheme) ର କାର୍ଯ୍ୟ ଏସ୍.ଏଲ୍.ଡି.ସି. ର ତତ୍ତ୍ୱାବଧାନରେ ଚାଲୁଅଛି ।

୧୩. ପି.ଏସ୍.ଡି.ଏଫ୍. ର ଆର୍ଥିକ ସହାୟତାରେ ୪୦୦ କେଭି ମେଣ୍ଢାଶାଳ, ମେରାମୁଣ୍ଡଳି ଏବଂ ନିଉ ଡୁବୁରି ଠାରେ ସିଷ୍ଟମ୍ ଭୋଲଟେଜ୍ ର ନିୟନ୍ତ୍ରଣ ଏବଂ ସ୍ଥିରତା ପାଇଁ ୧୨୫ ମେଗାଭାର୍ ବସ୍ ରିଏକ୍ଟର ଏବଂ ସଂଲଗ୍ନ ୱେର ସ୍ଥାପନା କାର୍ଯ୍ୟର ଟେଣ୍ଡର ପ୍ରକ୍ରିୟା ସି.ପି.ସି ଶାଖା ଦ୍ୱାରା ଚାଲୁଅଛି ।

୧୪. ପି.ଏସ୍.ଡି.ଏଫ୍. ର ଆର୍ଥିକ ସହାୟତାରେ ୮ ଟି ସବ୍ ଷ୍ଟେସନ୍ ଯଥା- ଚନ୍ଦକା, ଡୁବୁରି, ମେରାମୁଣ୍ଡଳି, ତାରବେରା, ଭଞ୍ଜନଗର, ବୁଢିପଦର, ଜୟନଗର ଏବଂ କଟାପାଲି ର ପ୍ରୋଟେକ୍ସନ ସିଷ୍ଟମର ଉନ୍ନତିକରଣ ଏବଂ ନବୀକରଣ କାର୍ଯ୍ୟ ଚାଲୁଅଛି ।

ଖ. <u>କନଷ୍ଟ୍ରକସନ ବିଭାଗର କାର୍ଯ୍ୟ ବିବରଣୀ : ଶେଷ ହୋଇଥିବା କାର୍ଯ୍ୟ:- (୨୦୧୯-୨୦ ଆର୍ଥିକ ବର୍ଷରେ ନଭେମ୍ବର, ୨୦୧୯ ପର୍ଯ୍ୟନ୍ତ)</u>

୧. ୨୨୦ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଓ ଲାଇନ୍- କାଶିପୁର ସବଷ୍ଟେସନ, ଜୟପାଟଣା ସବ୍ ଷ୍ଟେସନ୍ ଏବଂ ଆସ୍କା ସବ୍ ଷ୍ଟେସନ୍ ।

୨. ୧୩୨ କେଭି ଗ୍ରୀଡ ସବ୍ ଷ୍ଟେସନ୍ ଲାଇନ୍–ୟୁନିଟ୍ – ୮, ଭୁବନେଶ୍ୱର ସବ୍ ଷ୍ଟେସନ୍, ବେଟୋନତି, ଅଗରପଡା ସବ୍ ଷ୍ଟେସନ୍, ପଟାଙ୍ଗି ସବ୍ ଷ୍ଟେସନ୍, ଭଦ୍ରକ - ଆନନ୍ଦପୁର ଲାଇନ୍, ବଣେଇ - ଜୟପାଟଣା ଲାଇନ୍ ।

<u>ଚାଲୁ ରହିଥିବା କାର୍ଯ୍ୟ:-</u>

୧. **୪୦୦ କେଭି ସବଷ୍ଟେସନ:-** ମେଣ୍ଢାଷାଳ ବି.ଜି.ଆଇ.ଏସ୍ ସବଷ୍ଟେସନ ।

୨. **୨୦୦ କେଭି ସବଷ୍ଟେସନ ଏବଂ ଲାଇନ୍:-** କାଶିପୁର ସବଷ୍ଟେସନ, ପ୍ରତାପଶାସନ ସବଷ୍ଟେସନ, ଜୟପାଟଣା ସବଷ୍ଟେସନ, ଦେଓଗଡ ସବଷ୍ଟେସନ (ଜା.ଇ.କା), ଲେଫ୍ରିପଡା ସବଷ୍ଟେସନ, (ଜା.ଇ.କା), କିଆକଟା ସବଷ୍ଟେସନ (ଜା.ଇ.କା), ଦଶପଲ୍ଲା ସବଷ୍ଟେସନ (ଜା.ଇ.କା), ଗୋବିନ୍ଦପାଲି ସବଷ୍ଟେସନ (ଜା.ଇ.କା), ତୁରୁମୁଙ୍ଗା ସବଷ୍ଟେସନ (ଜା.ଇ.କା), ଗୋଡାଛକ ସବଷ୍ଟେସନ, କେଶିଙ୍ଗା ସବଷ୍ଟେସନ, ବାଲିଗୁଡା ସବଷ୍ଟେସନ, କାଲିମେଳା ସବଷ୍ଟେସନ, କୁଆଁରାମୁଣ୍ଡା ସବଷ୍ଟେସନ, ବାମରା ସବଷ୍ଟେସନ, ଧାମରା ସବଷ୍ଟେସନ, ଗୋଡାସାହି ସବଷ୍ଟେସନ (ସ୍କ୍ରିପ୍ସ), କଣ୍ଟାବାଡ ସବଷ୍ଟେସନ (ଗୋଠପାଟଣା-ସ୍କ୍ରିପ୍ସ), ବାଲିଅନ୍ତା ସବଷ୍ଟେସନ (ସ୍କ୍ରିପ୍ସ), ବାଲିଚନ୍ଦ୍ର ସବଷ୍ଟେସନ (ପାଲେଇ), ଗୁଣ୍ଡୁପୁର ସବଷ୍ଟେସନ ।

୩. **୧୩୨ କେଭି ସବଷ୍ଟେସନ ଏବଂ ଲାଇନ୍:-** ପୋଟାଙ୍ଗି ସବଷ୍ଟେସନ, ମାନେଶ୍ୱର ସବଷ୍ଟେସନ, ସାତଶଙ୍ଘ ସବଷ୍ଟେସନ, ମଞ୍ଚେଶ୍ୱର (ଜି.ଆଇ.ଏସ୍) ସବଷ୍ଟେସନ, ଅଗରପଡା ସବଷ୍ଟେସନ, ଆର୍.ଉଦୟଗିରି ସବଷ୍ଟେସନ, ଜି.ଉଦୟଗିରି ସବଷ୍ଟେସନ, ଲଖନପୁର ସବଷ୍ଟେସନ (ଜା.ଇ.କା), ଥୁଆପାଲି ସବଷ୍ଟେସନ (ଜା.ଇ.କା), ହିଞ୍ଜିଳି ସବଷ୍ଟେସନ (ଜି.ଆଇ.ଏସ୍), ବୀରମହାରାଜପୁର ସବଷ୍ଟେସନ, ବ୍ରଜବିହାରୀପୁର ସବଷ୍ଟେସନ, ଗଁଦିଆ ସବଷ୍ଟେସନ, ରାଜନଗର ସବଷ୍ଟେସନ, ବୋରିଗୁମା ସବଷ୍ଟେସନ, ନୟାପଲ୍ଲୀ ସବଷ୍ଟେସନ (ସ୍କ୍ରିପ୍ସ), ଭଟଲି ସବଷ୍ଟେସନ, ଲମତାପୁଟ ସବଷ୍ଟେସନ, ଚାନ୍ଦପୁର ସବଷ୍ଟେସନ (ଜି.ଇ.କା), ସତ୍ୟନଗର ସବଷ୍ଟେସନ (ସ୍କ୍ରିପ୍ସ), ବଡଗଡ ସବଷ୍ଟେସନ (ସ୍କ୍ରିପ୍ସ), ବାହୁଗ୍ରାମ ସବଷ୍ଟେସନ, ନବରଙ୍ଗପୁର ସବଷ୍ଟେସନ (ଜା.ଇ.କା) ହିରାକୁଦ ସବଷ୍ଟେସନ (ଜି.ଆଇ.ଏସ୍.) ।

ସମ୍ଭାବିତ ପ୍ରକଳ୍ପ

୧. **୪୦୦ କେଭି ସବ୍ ଷ୍ଟେସନ୍:-** ନିଉ ଡୁଙ୍ଗୁରି ସୌର ପୁଲିଙ୍ଗ ସବ୍ ଷ୍ଟେସନ୍ ଜି.ଆଇ.ଏସ୍ , ପାରାଦ୍ୱୀପ. ଜି.ଆଇ.ଏସ୍ ସବ୍ ଷ୍ଟେସନ୍, ରାମକ୍ରିଷ୍ଣପୁର (ଭଦ୍ରକ) ଜି.ଆଇ.ଏସ୍ ସବ୍ ଷ୍ଟେସନ୍, ଲିଲୋ ଲାଇନ୍ ଠାରୁ ରାମକ୍ରିଷ୍ଣପୁର ।

୨. **୨୨୦ କେଭି ସବ୍ ଷ୍ଟେସନ୍ ଏବଂ ଲାଇନ୍:-** ଢେଙ୍କାନାଳ-ବି, ଜି.ଆଇ.ଏସ୍ ସବ୍ ଷ୍ଟେସନ୍, କେଉଝର ଯୋଡା ଟି.ଟି.ପି.ଏସ ଲିଲୋ ଲାଇନ୍, କୁଆଖିଆ ଲିଲୋ ଲାଇନ୍ସ ଠାରୁ ଢେଙ୍କାନାଳ- ବି ।

୩. **୧୩୨ କେଭି ସବ୍ ଷ୍ଟେସନ୍ :-** ମନ୍ନମୁଣ୍ଡା ଏ.ଆଇ.ଏସ୍

ଅନ୍ୟ ନୂଆ ସମ୍ଭାବିତ ପ୍ରକଳ୍ପ

୨୨୦ କେଭି ସବ୍ ଷ୍ଟେସନ୍ ଏବଂ ଲାଇନ୍:- ତିର୍ତୋଲ (ଯାଜପୁର ଏ.ଆଇ.ଏସ୍), କୁଆଖିଆ ଜି.ଆଇ.ଏସ୍ ।

ଗ. ଟେଲିକମ୍ ବିଭାଗର କାର୍ଯ୍ୟ ବିବରଣୀ:- (୨୦୧୯-୨୦ ଆର୍ଥିକ ବର୍ଷରେ ନଭେମ୍ବର ପର୍ଯ୍ୟନ୍ତ)

ବର୍ତ୍ତମାନ ବ୍ୟବହୃତ ହେଉଥିବା ପି.ଏଲ୍.ସି.ସି (PLCC)/ ସ୍କାଡା (SCADA)/ ଓ.ପି.ଜି.ଡବ୍ଲୁ (OPGW) ଯନ୍ତ୍ରପାତି ଗୁଡିକରେ ନିୟମିତ ରକ୍ଷଣାବେକ୍ଷଣ/ ମରାମତି/ନବୀକରଣ କାର୍ଯ୍ୟାବଳୀ ସହିତ, ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ମାନଙ୍କୁ ରିଅଲ ଟାଇମ୍ ଡାଟା ପାଇଁ ରିମୋଟ୍ ଭିଜୁଆଲ୍ ଡିସପ୍ଲେ ୟୁନିଟ୍ (Remote Visual Display Unit) (RVDU) ଦ୍ୱାରା SCADA ସୁବିଧା ଯୋଗାଇ ଦିଆଯାଇଛି । ଟେଲିକମ୍ ବିଭାଗ ଦ୍ୱାରା ନିମ୍ନଲିଖିତ ଚଳନ୍ତି ଏବଂ ନୂତନ ପ୍ରକଳ୍ପ ଗୁଡିକ ସମ୍ପାଦନ କରାଯାଉଅଛି ।

ଚଳନ୍ତି ପ୍ରକଳ୍ପ :-

୧. ପ୍ରମୁଖ ୧୩୨ କେଭି ସବ୍ ଷ୍ଟେସନ୍ ରେ OPGW କାର୍ଯ୍ୟ ଆଗେଇ ଚାଲିଛି ଏବଂ ପାଖାପାଖି ୧୭୪୫ କି.ମି. କେବୁଲ ବିଛାଯାଇଅଛି ।

୨. ସମସ୍ତ ୨୨୦ କେଭି ଏବଂ ତଦୁର୍ଦ୍ଧ ଟ୍ରାନ୍ସମିସନ ଲାଇନ୍ ରେ DTPC (Digital Tele Protection Coupler) ବ୍ୟବସ୍ଥା OPGW SDH ଯନ୍ତ୍ରାଦି ମାଧ୍ୟମରେ କରାଯାଉଅଛି ।

୩. ପି.ଏସ୍.ଡି.ଏଫ୍ ସହାୟତାରେ ପ୍ରାୟ ୨୨୮୯ କି.ମି. ଦୈର୍ଘ୍ୟର କେବୁଲ ଦ୍ୱାରା ଓ.ପି.ଟି.ସି.ଏଲ୍, ବଳକା ଲାଇନ୍ ବିଭାଗ ମାନଙ୍କୁ OPGW ଦ୍ୱାରା ପି.ଏସ୍.ଡି.ଏଫ୍. ସହାୟତାରେ ସଂଯୋଗ କରାଯାଉଛି । (ସମାପ୍ତ ସମୟ ୨ ବର୍ଷ)

୪. **ଭାରତ ନେଟ୍ ଫେଜ ୨ (Bharat Net Phase-II):-**

ଏହି ପ୍ରକଳ୍ପ ଦ୍ୱାରା ଓଡିଶାର ୩୦ ଟି ଜିଲ୍ଲାର ୨୯୪୫ ଟି ଗ୍ରାମପଞ୍ଚାୟତ ମାନଙ୍କୁ ବିଦ୍ୟୁତ୍ ଖୁଣ୍ଟି ଗୁଡିକରେ ୧୫,୧୭୧ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏରିଅଲ୍ ଅପ୍ଟିକାଲ ଫାଇବର୍ (Aerial Optical Fibre) କେବୁଲ୍ ବିଛାଇ ଉଚ୍ଚଗତ ସମ୍ପନ୍ନ ଇଣ୍ଟରନେଟ୍ ବ୍ୟବସ୍ଥା ସଂଯୋଗ କରାଯିବ । ଏହି ପ୍ରକଳ୍ପ ନିମନ୍ତେ ଭାରତ ସରକାର ସମ୍ପୂର୍ଣ୍ଣ ଆର୍ଥିକ ସହୟତା ଦେଉଅଛନ୍ତି ଏବଂ ୟୁ.ଏସ୍.ଓ.ଏଫ୍. (USOF), ବିଏସ୍.ଏନ୍,ଏଲ୍ (BSNL), ଓଡିଶା ସରକାର ଓ ଓ.ପି.ଟି.ସି.ଏଲ୍. ମଧ୍ୟରେ ତା.୧୯.୦୧.୨୦୧୯ ରେ ଏକ ଏମ୍.ଓ.ୟୁ (MoU) ଚୁକ୍ତି ସ୍ୱାକ୍ଷର ହୋଇଅଛି । ଏହି ପ୍ରକଳ୍ପଟି ରାଜ୍ୟ ସରକାରଙ୍କ ତରଫରୁ ଓ.ପି.ଟି.ସି.ଏଲ୍ ଦ୍ୱାରା ସମ୍ପାଦନ କରାଯିବ । ଏହି ପ୍ରକଳ୍ପଟିର ନିର୍ମାଣ ଅବଧି ୧ ବର୍ଷ ବର୍ଦ୍ଧିତ ଗ୍ୟାରେଂଟି ସମୟ ୩ ବର୍ଷ ଏବଂ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ଅବଧି ୩ ବର୍ଷ ରଖାଯାଇଛି । ଇତିମଧ୍ୟରେ ଓ.ପି.ଟି.ସି.ଏଲ୍, ଦ୍ୱାରା ଟେଣ୍ଡର କରାଯାଇ ସର୍ବନିମ୍ନ ଟେଣ୍ଡରଧାରୀଙ୍କୁ ତା.୧୬.୦୨.୨୦୧୯ ରିଖରେ ଏଲ୍.ଓ.ଏ ପଠାଯାଇଅଛି । ଏହି ପ୍ରକଳ୍ପଟିର ସର୍ଭେ

କାର୍ଯ୍ୟ ପରେ କେବୁଲ ବିଛାଇବା କାମ ଆରମ୍ଭ ହୋଇଅଛି । ଯାହା ମାର୍ଚ୍ଚ, ୨୦୨୦ ସୁଧା ସମାପ୍ତ ପାଇଁ ଧାର୍ଯ୍ୟ କରାଯାଇଅଛି ।

୫. **ପ୍ରୋଭିଜନ ଅଫ୍ ବ୍ୟାଟେରୀ ସେଟ୍:-** ଓ.ପି.ଟି.ସି.ଏଲ୍. ର ଟେଲିକମ୍ ସେକ୍ସନ୍ ରେ ବ୍ୟାଟେରୀ ସେଟ୍ ଓ ଚାର୍ଜର ବ୍ୟବସ୍ଥା ପାଇଁ ଟେଣ୍ଡରିଂ କାର୍ଯ୍ୟ ଚାଲୁଅଛି ।

୬. **ପ୍ରୋଭିଜନ ଅଫ୍ ବ୍ୟାଟେରୀ ଚାର୍ଜର (ଏଫ୍.ସି.ବି.ସି.)**:- ଏହି ପ୍ରକଳ୍ପରେ ଓ.ପି.ଟି.ସି.ଏଲ୍. ର ବିଭିନ୍ନ ଟେଲିକମ୍ ବିଭାଗ ମାନଙ୍କୁ ବ୍ୟାଟେରୀ ସେଟ ଚାର୍ଜର (ଏଫ୍.ସି.ବି.ସି) ଯୋଗାଇ ଦେବାପାଇଁ କାର୍ଯ୍ୟାଦେଶ ଦିଆଯାଇଅଛି ଏବଂ ତାହା କାର୍ଯ୍ୟସ୍ଥଳରେ ପହଞ୍ଚି ଯାଇଅଛି ।

<u>ନୂତନ ପ୍ରକଳ୍ପ</u> :-

୧. ଆର.ଟି.ୟୁ ପରିବର୍ତ୍ତନ ଯୋଜନା ଏବଂ ନୂତନ ଗ୍ରୀଡ ସବ୍ ଷ୍ଟେସନ୍ ନିମନ୍ତେ ୭୮ ଟି ଆର.ଟି.ୟୁ ର ବ୍ୟବସ୍ଥା କରାଯାଇଅଛି, ଯାହା ପାଇଁ ଟେଣ୍ଡର ପ୍ରକ୍ରିୟା ହୋଇଯାଇଅଛି । ଅତିଶୀଘ୍ର କାର୍ଯ୍ୟାଦେଶ ଦିଆଯିବ ।

୨. ୟୁ.ଆର୍.ଟି.ଡି.ଏସ୍.ଏମ୍. (U.R.T.D.S.M) ପ୍ରକଳ୍ପ ଅଧିନରେ ୩୨ଟି ପି.ଏମ୍.ୟୁ ର ସଂଯୋଗୀକରଣ ଓ.ପି.ଟି.ସି.ଏଲ୍ ନେଟୱାର୍କ ସହିତ ହୋଇଅଛି ।

୩. ଓ.ପି.ଟି.ସି.ଏଲ୍. ର ଓ.ପି.ଜି.ଡବ୍ଲୁ ନେଟୱାର୍କରେ ବଳକା ଫାଇବର ଲିଜ୍ କାର୍ଯ୍ୟକ୍ରମ:-

୪୦୦ କେଭି, ୨୨୦ କେଭି ଓ ୧୩୨ କେଭି ଟ୍ରାନ୍ସମିଶନ ଲାଇନ ଗୁଡିକରେ ବିଛାଯାଇଥିବା ଓ.ପି.ଜି.ଡବ୍ଲୁ ମାଧ୍ୟମରେ ଓ.ପି.ଟି.ସି.ଏଲ୍. ର ଏକ ଶକ୍ତିଶାଳୀ ଅପଟିକ ଫାଇବର ଯୋଗାଯୋଗ ନେଟୱାର୍କ ରହିଛି । ଓ.ପି.ଟି.ସି.ଏଲ୍ ଏପର୍ଯ୍ୟନ୍ତ ୪୦୦୦ କି.ମି ଓ.ପି.ଜି.ଡବ୍ଲୁ ବିଛାଇ ସାରିଲାଣି ଏବଂ ଆଉ ୩୪୦୦ କି.ମି ଦୈର୍ଘ୍ୟ ବିଶିଷ୍ଟ ଓ.ପ.ଜି.ଡବ୍ଲୁ ନୂତନ ପ୍ରକଳ୍ପ ଗୁଡିକ ନିମନ୍ତେ ବିଛାଯିବ । ଏହି ଡାର୍କ ଫାଇବର କୁ ପାୱାର ଗ୍ରୀଡ ଓ ବି.ଏସ୍.ଏନ୍.ଏଲ୍ କୁ ଲିଜ୍ ସୂତ୍ରରେ ପ୍ରଦାନ କରି ଓ.ପି.ଟି.ସି.ଏଲ୍ ବାର୍ଷିକ ପ୍ରାୟ ଦୁଇ କୋଟି ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଅଛି । ଆଗାମୀ ପ୍ରକଳ୍ପ ଗୁଡିକରେ ଓ.ପି.ଜି.ଡବ୍ଲୁ ନେଟୱାର୍କ ସ୍ଥାପନ କରିସାରିବା ପରେ କ୍ରମାଗତ ଭାବରେ ଏହି ଆୟ ବୃଦ୍ଧି ପାଇବା ନେଇ ଆଶା ପ୍ରକାଶ କରାଯାଇଅଛି ।

ଘ. <u>ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଯୁକ୍ତି ବିଜ୍ଞାନ (ଆଇ.ଟି) ବିଭାଗ ର କାର୍ଯ୍ୟ ବିବରଣୀ:- (୨୦୧୯-୨୦ ଆର୍ଥିକ ବର୍ଷରେ ନଭେମ୍ବର ପର୍ଯ୍ୟନ୍ତ)</u>

୧. **<u>ଗ୍ରୀଡ ସବ୍ ଷ୍ଟେସନ୍ ମାନଙ୍କରେ ସିସି ଟିଭି ସତର୍କତା/ନିରୀକ୍ଷଣ:-</u>** ଓ.ପି.ଟି.ସି.ଏଲ୍. କୁ ୪ଟି ବୃହତ ଗ୍ରୀଡ ସବ୍ ଷ୍ଟେସନ୍ ରେ ଯଥା, ମେରାମୁଣ୍ଡଳି, ଚନ୍ଦକା, ବୁଢିପଦର, ଜୟନଗର ରେ ସି.ସି ଟି.ଭି କ୍ୟାମେରା ସାହାଯ୍ୟରେ ସବୁଦିନ ଦିବାରାତ୍ର (୨୪ x ୭) ସତର୍କ ନଜର ରଖାଯାଇଅଛି ଏବଂ ଏହି ପ୍ରକଳ୍ପଟି ସୁରୁଖୁରୁରେ ସଂଚାଳିତ ହେଉଛି । ଏହି ପ୍ରକଳ୍ପଟିର ଅନେକ ଆଧୁନିକ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯାଇଅଛି । ଉଦାହରଣ ସ୍ୱରୂପ ମୋସନ ବେସଡ ରେକଡିଂ, ସ୍ଥାନୀୟ ରେକଡିଂ, ଆଇ.ପି, କ୍ୟାମେରା ମାଧ୍ୟମରେ ଯାଞ୍ଚକରିବା, ରାତ୍ରୀକାଳୀନ କ୍ୟାମେରାଏବଂ ପି.ଟି.ଜି କ୍ୟାମେରା ମାଧ୍ୟମରେ ଅହୋରାତ୍ରି (୨୪ x ୭) ଗ୍ରୀଡ ପର୍ଯ୍ୟାବେକ୍ଷଣ ଇତ୍ୟାଦି । ଅଧିକ ୧୦ ଟି ଗ୍ରୀଡ୍ ସବ୍ ଷ୍ଟେସନ୍ ଗୁଡିକରେ ସିସି ଟିଭି ଉପକରଣ ଗୁଡିକ ଲଗାଇବା ପାଇଁ ରାଜିନାମା ହୋଇସାରିଛି ତନ୍ମଧ୍ୟରୁ ୮ଟି ସବ୍ ଷ୍ଟେସନ୍ ରେ କାମ ସରିଯାଇଅଛି ଏବଂ ବଳକା ୨ଟି ସବ୍ ଷ୍ଟେସନ୍ ରେ କାମ ଚାଲୁଅଛି । ୧୮ଟି ଗ୍ରୀଡ୍ ସବ୍ ଷ୍ଟେସନ୍ ରେ ସିସି ଟିଭି ସ୍ଥାପନ କରିବା ପାଇଁ ଜାନୁଆରୀ, ୨୦୧୯ ରେ କାର୍ଯ୍ୟାଦେଶ ଦିଆଯାଇଛି ଏବଂ କାର୍ଯ୍ୟ ମେ, ୨୦୧୯ ସୁଦ୍ଧା ସରିବ । ଆହୁରି ୫ଟି ଗ୍ରୀଡ୍ ସବ୍ ଷ୍ଟେସନ୍ ରେ ସିସି ଟିଭି ଲଗାଇବା ପାଇଁ କାର୍ଯ୍ୟ ଚାଲୁଅଛି । ଯଦ୍ୱାରା ଡିସେମ୍ବର ସୁଦ୍ଧା ସମାପ୍ତ ହୋଇଯିବ ।

୨. **<u>ପ୍ରାଥମିକ ତଥ୍ୟ କେନ୍ଦ୍ର Primary Data Centre (PDC):-</u>** ଓ.ପି.ଟି.ସି.ଏଲ୍ ର ଆଇ.ଟି ବିଭାଗ ଏକ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପୂର୍ଣ୍ଣ ଏକ ଡାଟା ସେଣ୍ଟର ସ୍ଥାପନ କରିବାକୁ ଯାଉଅଛି । ଯାହାକି କେବଳ ଓ.ପି.ଟି.ସି.ଏଲ୍., ଗ୍ରୀଡକୋ, ଏସ୍.ଏଲ୍.ଡି.ସି. ନିମନ୍ତେ କାର୍ଯ୍ୟ କରିବ ନାହିଁ ବରଂ ଓଡିଶାର ତିନୋଟି ବିଦ୍ୟୁତ୍ ବିତରଣକାରୀ କମ୍ପାନୀ ଦ୍ୱାରା ସମ୍ପାଦିତ ହେଉଥିବା ଭାରତ ସରକାରଙ୍କ ଆଇ.ପି.ଡି.ଏସ୍ ଫେଜ୍-୨ ଆଇ.ଟି ପ୍ରକଳ୍ପ ନିମନ୍ତେ ମଧ୍ୟ ସହାୟକ ହେବ । ଏହି ଡାଟା ସେଣ୍ଟର ର ସିଭିଲ କାମ ଆରମ୍ଭ ହୋଇସାରିଲାଣି ଏବଂ ଡିସେମ୍ବର, ୨୦୧୯ ସୁଦ୍ଧା ଏହା କାର୍ଯ୍ୟାରମ୍ଭ ନିମନ୍ତେ ପ୍ରସ୍ତୁତ ହୋଇଯିବା ଆଶା କରାଯାଏ । ସୂଚନା ପ୍ରଯୁକ୍ତି ସମ୍ବନ୍ଧୀୟ ଅନ୍ୟାନ୍ୟ ଦ୍ରବ୍ୟ ନିମନ୍ତେ ଫେବୃଆରୀ , ୨୦୧୯ ରେ ଟେଣ୍ଡରି ଆହ୍ୱାନ କରାଯାଇଅଛି ।

୩. **<u>ଜି.ଆଇ.ଏସ୍. ଭୌଗୋଳିକ ସୂଚନା ପଦ୍ଧତି:-</u>** ଏହି ପ୍ରକଳ୍ପରେ ଓ.ପି.ଟି.ସି.ଏଲ୍ ଅଧିନସ୍ଥ ସମସ୍ତ ଯାନ୍ତ୍ରିକ ଉପକରଣ/ ସମ୍ପତିକୁ ଜିଓ-ରେଫରେନ୍ସ୍ କରାଯାଇସାରିଛି ଏବଂ ଶକ୍ତି ମାନଚିତ୍ର ତିଆରି କରାଯାଇଅଛି । ଏହି ଭୌଗୋଳିକ ମାନଚିତ୍ର ସାହାଯ୍ୟରେ ସମସ୍ତ ସମ୍ପତି ଯଥା- ସବ୍ ଷ୍ଟେସନ୍, ଲାଇନ୍ ଏବଂ ଇ.ଏଛ.ଟି ଟାୱାର ଗୁଡିକୁ ବର୍ତ୍ତମାନ ଚିହ୍ନଟ କରାଯାଇପାରିବ । ସମୟାନୁସାରେ ତତକ୍ଷଣାତ୍ ସୂଚନା ପାଇବା ନିମନ୍ତେ ଏହି ଜି.ଆଇ.ଏସ୍ ପ୍ରକଳ୍ପକୁ ଓ.ପି.ଟି.ସି.ଏଲ୍. ର ଇ-ଶକ୍ତି ସଙ୍ଗରେ ସଂଯୋଗ କରାଯାଇପାରିବ ଏବଂ ଡିସେମ୍ବର,୨୦୧୮ ଓ ଜାନୁଆରୀ, ୨୦୧୯ ମସିହାରେ ପ୍ରାୟ ୧୦୦ ଜଣ ଓ ଆଣ୍ଡ ଏମ୍ (O&M Executives) ଅଧିକାରୀଙ୍କୁ ଓ.ପି.ଟି.ସି.ଏଲ୍. ର ଆଇ.ଟି. ବିଭାଗ ଦ୍ୱାରା ତାଲିମ ପ୍ରଦାନ କରାଯାଇଅଛି । ଏହି ଫନି ଘୂର୍ଣ୍ଣିବାତ୍ୟା ସମୟରେ ଅନେକ ପ୍ରକାର ସୂଚନା ଦେବାପାଇଁ ସହାୟତା କରିଥିଲା । ପୁନଃ ଏହି ପୃଷ୍ଠକୁ ୨୯ଟି ଗ୍ରୀଡ ସବ୍ ଷ୍ଟେସନ୍ ଏବଂ ୫୨୫ କି.ମି. ଲାଇନ୍ କୁ ବିସ୍ତାରିତ କରିବାପାଇଁ ଓ.ପି.ଟି.ସି.ଏଲ୍. ର ଆମନ୍ତ୍ରଣ ପ୍ରକାରେ ଓ.ଆର୍.ଏସ୍.ଏ.ସି ଠାରୁ ପ୍ରସ୍ତାବ ଅକ୍ଟୋବର, ୨୦୧୯ ରେ ଆଗତ ହୋଇଅଛି ଯାହା ଓ.ପି.ଟି.ସି.ଏଲ୍ ଡିସେମ୍ବର, ୨୦୧୯ ସୁଦ୍ଧା ନିଶ୍ଚୟ କରିବ ।

୪. **<u>ଏ.ଏମ୍.ଆଇ. (Advance Metering Infrastructure Project):-</u>** ୬ ଟି ପାୱାର ହାଉସ୍ ସହ ୧୨୪ଟି ସବ୍ ଷ୍ଟେସନ୍ ରେ ୮୪୬ ଟି ଓ.ପି.ଟି.ସି.ଏଲ୍. ମିଟର ଦ୍ୱାରା ଏ.ଏମ୍.ଆଇ. ଭିତ୍ତିଭୂମୀ ସ୍ଥାପନ ଶେଷ ହୋଇଛି । (୧୦୦ ରୁ ଅଧିକ ସବ୍ ଷ୍ଟେସନ୍ ମାନଙ୍କରେ ସକ୍ରିୟ ଡାଟା ସଂଗ୍ରହ ପଦ୍ଧତି ଶେଷ ହୋଇସାରିଛି) ଓ.ଜି.ଏସ୍ ୱାନ୍ ନେଟୱାର୍କ ଏବଂ ବ୍ୟାକଅପ୍ ଜି.ପି.ଆର୍.ଏସ୍.ଲିଙ୍କ ମାଧ୍ୟମରେ ଏହି ପ୍ରକଳ୍ପଟିର ସଂଯୋଗକ୍ରିୟା ସମାପନ ହେଉଅଛି । ଏହି ପ୍ରକଳ୍ପ ଶେଷ ହୋଇ କାର୍ଯ୍ୟ ଆରମ୍ଭ କଲେ, ଓ.ପି.ଟି.ସି.ଏଲ୍ ର ୮୪୬ ମିଟରିଂ ପଏଣ୍ଟରେ ସ୍ୱଂୟଚାଳିତ ଭାବେ ଶକ୍ତି ଆକାଂଉଟିଙ୍ଗ୍ ଡାଟା (Energy Accounting Data) ସଂଗୃହିତ ହୋଇପାରିବ । (ଏସ୍.ଏଲ୍.ଡି.ସି ଓ ଗ୍ରୀଡକୋ ଦ୍ୱାରା ଏହି ପ୍ରକଳ୍ପର ୟୁ.ଏ.ଟି) (User Acceptance Test) ଶେଷ ହୋଇନଥିବାରୁ ଏହା ବିଳମ୍ବିତ ହେଉଅଛି) । ଇତିମଧ୍ୟରେ, ମେସର୍ସ ପି.ସି.ଏସ୍ ଦ୍ୱାରା ପ୍ରଦତ ଏକ ବ୍ୟବସାୟୀଙ୍କ ପ୍ରସ୍ତାବ ଯାହାର ଆନୁମାନିକ ବ୍ୟୟ ଅଟକଳ ୮୦୦୦ ୟୁରୋ ହେବ । ଓ.ପି.ଟି.ସି.ଏଲ୍ ମ୍ୟାନେଜମେଣ୍ଟ ଦ୍ୱାରା ଅନୁମୋଦିତ ହେବା ନିମନ୍ତେ ସମ୍ମତି ପ୍ରଦାନ କରିଅଛି । ଏହି ପ୍ରସ୍ତାବ ଅନୁସାରେ ୨୦୧୬-୧୭ ମସିହାରେ କ୍ରୟ କରାଯାଇଥିବା ନୂତନ ଡି.ଏଲ୍.ଏମ୍.ଏସ୍ ମିଟର ଦ୍ୱାରା ଡାଟା ସଂଗ୍ରହ କରାଯିବ । ଯେହେତୁ ପୁରାତନ ସିରିଜ୍ ର ଇଞ୍ଜିନିୟରିଂ ପରିକ୍ଷାନିରକ୍ଷା ଚାଲିଅଛି । ଏହି ଡି.ଏଲ୍.ଏମ୍.ଏସ୍ ମିଟର ର ସ୍ଥାପନ ଏବଂ ନୂଆ

ମିଟରର ଏ.ଏମ୍.ଆର୍ ଓ ସଂଯୋଗୀକରଣ ଚାଲୁଅଛି । ଯାହା ସେସୁ ଏବଂ ସାଉଥକୋ ଅଞ୍ଚଳରେ ସରିଯାଇଅଛି ଏବଂ ଅନ୍ୟ ବିତରଣ ସଂସ୍ଥାରେ ଜାନୁଆରୀ, ୨୦୨୦ ସୁଦ୍ଧା ସରିଯିବ ।

୫. **ସାଇବର ସୁରକ୍ଷା:-** ଓ.ପି.ଟି.ସି.ଏଲ୍. ବର୍ତ୍ତମାନ ଆଇ.ଏସ୍.ଓ ୨୭୦୦୧: ୨୦୧୩ ମାର୍ଚ୍ଚ ପ୍ରମାଣ ପତ୍ରଧାରୀ ଅଟେ ଏବଂ ସ୍ଥାପିତ ସୂଚନା ସୁରକ୍ଷା ଓ ସଂଚାଳନ ପଦ୍ଧତି ଆଇ.ଏସ୍.ଏମ୍.ଏସ୍ (ISMS) ର ମାର୍କ ଅନୁସାରେ ଓ.ପି.ଟି.ସି.ଏଲ୍, ଗ୍ରୀଡକୋ, ଏସ୍.ଏଲ୍.ଡି.ସି ର ଡାଟା ସେଣ୍ଟର ଗୁଡିକ ସ୍କାଡା ମୁଖ୍ୟ ନିୟନ୍ତ୍ରଣ କକ୍ଷ (ଏମ୍.ସି.ସି) ଓ ଏସ୍.ଏଲ୍.ଡି.ସି. ର ବ୍ୟାକଅପ୍ କଣ୍ଟ୍ରୋଲ ସେଣ୍ଟର ଗୁଡିକୁ ବର୍ତ୍ତମାନ ସୁରକ୍ଷିତ ଅଟନ୍ତି । ଓ.ପି.ଟି.ସି.ଏଲ୍. ର ସୂଚନା ପ୍ରଯୁକ୍ତି ବିଭାଗ (IT Development) ସାଇବର୍ ସୁରକ୍ଷା ସଂକ୍ରାନ୍ତିୟ ମକଡ୍ରିଲ୍ ମଧ୍ୟ କରିଅଛନ୍ତି । ଯେପରିକି ଭି.ଏ.ପି.ଟି. VAPT (Vulnerabilities Assessment & Penetration Testing) ISMS ସାର୍ଟିଫିକେସନ୍ ଅଡିଟ୍ ମାନ ଏସ୍.ଏଲ୍.ଡି.ସି., ଗ୍ରୀଡକୋ ଓ ଓପିଟିସିଏଲ୍ ଡାଟା ସେଣ୍ଟର ଓ ସ୍କାଡା ଏମ୍.ସି.ସି ଏବଂ ବି.ସି.ସି ପାଇଁ କରାଯାଉଅଛି । ଏତଦ୍ ବ୍ୟତୀତି, ISMS ସଚେତନତା ତାଲିମ୍ କାର୍ଯ୍ୟକ୍ରମ ସବୁ ଓ.ପି.ଟି.ସି.ଏଲ୍, ଗ୍ରୀଡକୋ, ଏସ୍.ଏଲ୍.ଡି.ସି କର୍ମଚାରୀମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଅଛି । ଯେହେତୁ ୱେବ ଆପ୍ଲିକେସନ ଓ ୱେବସାଇଟ୍ ଗୁଡିକ ସବୁବେଳେ ଅସୁରକ୍ଷିତ ଅଛନ୍ତି, ତେଣୁ ଓ.ପି.ଟି.ସି.ଏଲ୍, ଗ୍ରୀଡକୋ, ଏସ୍.ଏଲ୍.ଡି.ସି ର ସମସ୍ତ ୱେବ ଆପ୍ଲିକେସନ ଓ ୱେବସାଇଟ୍ ଗୁଡିକର ସୁରକ୍ଷା ନିମନ୍ତେ ଏସ୍.ଏସ୍.ଏଲ୍. ସାର୍ଟିଫିକେଟ୍ ସ୍ଥାପନ କରାଯାଇଅଛି ।

୬. **ଓ.ଜି.ଏସ୍.ୱାନ୍ - ଓ.ପି.ଟି.ସି.ଏଲ୍, ଗ୍ରୀଡକୋ, ଏସ୍.ଏଲ୍.ଡି.ସି, ଡବ୍ଲୁ.ଏ.ଏନ୍ (Wide Area Network) (୨୦୧୯-୨୦ ଆର୍ଥିକ ବର୍ଷରେ ନଭେମ୍ବର ପର୍ଯ୍ୟନ୍ତ):-** ବର୍ତ୍ତମାନ ମହଜୁଦ ୱାନ୍ ନେଟ୍ ୱାର୍କ ବ୍ୟବସ୍ଥାର କାର୍ଯ୍ୟକ୍ଷମ ଅବଧି ଏବଂ ସେବା ସରିଯାଇଥିବା ହେତୁ ଏକ ନୂତନ ଟେଣ୍ଡର ପ୍ରଚଳନ କରାଯିବ । ଓ.ପି.ଟି.ସି.ଏଲ୍ ର ମୁଖ୍ୟାଳୟର ଅଫିସରମାନଙ୍କ ଆବଶ୍ୟକତା ପାଇଁ ଇଣ୍ଟରନେଟ୍ ବ୍ୟାଣ୍ଡୱିଥ୍ ବ୍ୟବସ୍ଥା ୩୦ ଏମ୍.ବି.ପି.ସି.ଏଲ୍ ରୁ ୫୦ ଏମ୍.ବି.ପି.ଏସ୍ କୁ କରାଯାଇଅଛି । ଆଇ.ଟି ବିଭାଗ ଦ୍ୱାରା ସାରା ଓଡିଶାରେ ବିଭିନ୍ନ ଓ.ପି.ଟି.ସି.ଏଲ୍ ସ୍ଥାନରେ ୮୩ ଟି ଏମ୍.ପି.ଏଲ୍.ଏସ୍ ଲିଙ୍କ ଯୋଗାଯୋଗ ପାଇଁ ଭାରତ ଇଣ୍ଟରନେଟ୍ ଲିମିଟେଡ୍ କମ୍ପାନୀକୁ ଦିଆଯାଇଥିବା କଣ୍ଟ୍ରାକ୍ଟକୁ ପୁନଃ ନିର୍ଦ୍ଧାରଣ କରାଯାଇଅଛି । ତା.୦୧.୦୪.୨୦୧୯ ଠାରୁ ତା.୩୦.୧୧.୨୦୧୯ ମଧ୍ୟରେ ୧୨ଟି ଓ.ପି.ଜି.ଡବ୍ଲୁ ଲିଙ୍କ୍ ଏବଂ ୧୨ଟି ଏମ୍.ପି.ଏଲ୍.ଏସ୍ ଲିଙ୍କ କାର୍ଯ୍ୟକ୍ରମ କରାଯାଇଅଛି । ବର୍ତ୍ତମାନ ସୁଦ୍ଧା ୫୯ଟି ଗ୍ରୀଡ୍ ସବ୍ ଷ୍ଟେସନ୍ ରେ ଆ.ଇ.ଟି ବିଭାଗ ଦ୍ୱାରା ଓ.ପି.ଜ.ଡବ୍ଲୁ ଲିଙ୍କର ବିସ୍ତାର କରାଯାଇଅଛି । ଓ.ଜି.ଏସ୍. ୱାନ ପ୍ରୋଜେକ୍ଟର ବାର୍ଷିକ ମରାମତି ଓ ତଦାରଖ ନିମନ୍ତେ ଏମ୍/ଏସ୍ କାର୍ଭି ଇନୋଟେକ ପ୍ରାଇଭେଟ୍ ଲିମିଟେଡ୍, ହାଇଦ୍ରାବାଦ୍ ସଂସ୍ଥାକୁ ୧ ବର୍ଷ ପାଇଁ କଣ୍ଟ୍ରାକ୍ଟ ଦିଆଯାଇଅଛି ଏବଂ ଯେଉଁ ଓ.ଜି.ଏସ୍ ୱାନ୍ କଣ୍ଟ୍ରାକ୍ଟ ଫେବୃଆରୀ, ୨୦ ରେ ଶେଷ ହେଉଅଛି ତାହାରିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଅଛି ।

୭. **ଭିଡିଓ କନଫରଏନ୍ସିଙ୍ଗ:-** ଓ.ପି.ଟି.ସି.ଏଲ୍ ମୁଖ୍ୟ କାର୍ଯ୍ୟାଳୟ ଓ.ପି.ଟି.ସି. ଚନ୍ଦକା ସମେତ ୯୪ ଟି ଗ୍ରୀଡ ସବ୍ ଷ୍ଟେସନ୍ ମାନଙ୍କରେ ଭିଡିଓ କନଫରଏନ୍ସିଙ୍ଗ ସୁବିଧା ସ୍ଥାପନ କରାଯାଇସାରିଛି । ପ୍ରଧାନତଃ ଏହା ଓ.ଜି.ଏସ୍ ୱାନ ନେଟୱାର୍କ ମାଧ୍ୟମରେ ପରିଚାଳିତ ହେଉଥିବାରୁ ସଫଳ ହୋଇପାରିଛି । ଅନ୍ୟାନ୍ୟ ସଂସ୍ଥା ଯଥା ଓ.ଇ.ଆର.ସି, ଶକ୍ତି ବିଭାଗ (ଓଡିଶା ସେକ୍ରେଟେରିଏଟ୍), ସେସୁ, ନେସ୍କୋ, ୱେସ୍କୋ, ସାଉଥକୋ, ଇଞ୍ଜିନିୟର-ଇନ-ଚିଫଙ୍କ କାର୍ଯ୍ୟାଳୟରେ ଭିଡିଓ କନଫରଏନ୍ସିଙ୍ଗ ସୁବିଧା ସ୍ଥାପନ ନିମନ୍ତେ କାର୍ଯ୍ୟାଦେଶ ପ୍ରକ୍ରିୟା ସରିଯାଇଅଛି ଏବଂ ଡିସେମ୍ବର,୨୦୧୯ ସୁଦ୍ଧା ସେସୁ କାର୍ଯ୍ୟାଳୟରେ ସ୍ଥାପନ କାର୍ଯ୍ୟ ଶେଷ ହୋଇଯିବ ।

ଙ. ରାଜ୍ୟ ସରକାରଙ୍କ ଅନୁଦାନ ପ୍ରାପ୍ତି ଯୋଜନା:- (୨୦୧୯-୨୦ ଆର୍ଥିକ ବର୍ଷରେ)

୧. ଓ.ଡି.ଏସ୍.ଏସ୍.ପି ସ୍ଥିତି ଓ ଅଗ୍ରଗତି:-

କ. ପ୍ରଥମ ଦଫାରେ ଓଡିଶା ସରକାର ରାଜ୍ୟରେ ୫୦୦ ଟି ୩୩/୧୧ କେଭି ବିଦ୍ୟୁତ୍ ସବ୍ ଷ୍ଟେସନ୍ ନିର୍ମାଣ ନିମନ୍ତେ ଟ.୨୬୦୦.୦୦ କୋଟି ଅନୁମୋଦନ କରିଥିଲେ ଏବଂ ଓ.ପି.ଟି.ସି.ଏଲ୍ ଏହି ସବ୍ ଷ୍ଟେସନ୍ ନିର୍ମାଣ ପାଇଁ ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରୁଥିବା ପରବର୍ତ୍ତୀ ସମୟରେ ଓ.ପି.ଟି.ସି.ଏଲ୍. ର ପ୍ରସ୍ତାବ ଅନୁସାରେ ଏହି ଅନୁମୋଦନକୁ ଟ.୩୮୪୩.୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା ।

ଖ. ବିଭିନ୍ନ ପର୍ଯ୍ୟାୟରେ ୪୭୩ ଟି ୩୩/୧୧ କେଭି ବିଦ୍ୟୁତ୍ ସବ୍ ଷ୍ଟେସନ୍ ନିର୍ମାଣ କରିବା ପାଇଁ ଇ.ପି.ସି. କଣ୍ଟ୍ରାକ୍ଟର ମାନଙ୍କୁ ଟ.୩୬୨୫.୦୦ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି ।

ଗ. ମାଲକାନଗିରି ଜିଲ୍ଲାର ବଡପଡା ଠାରେ ୩୩/୧୧ କେଭି ସବ୍ ଷ୍ଟେସନ୍ ଏବଂ ତଦ୍ ଅନ୍ତର୍ଗତ ଲାଇନ୍ ନିର୍ମାଣ ପାଇଁ ସରକାରଙ୍କ ପର ପ୍ରସ୍ତାବ ଅଟେ ।

ଘ. ଅନୁସାରେ ଓ.ପି.ଟି.ସି.ଏଲ୍ ର ଟ.୧୩.୯୬ କୋଟି ଟଙ୍କା ସରକାରଙ୍କ ଠାରୁ ପ୍ରାପ୍ତ କରିଅଛି ।

ଙ. ୨୭ ନଭେମ୍ବର, ୨୦୧୯ ସୁଦ୍ଧା ୩୦୨ଟି ୩୩/୧୧ କେଭି ବିଦ୍ୟୁତ୍ ସବ୍ ଷ୍ଟେସନ୍ ନିର୍ମାଣ ସରି ପରୀକ୍ଷାମୂଳକ ଭାବେ ଚାର୍ଜ ହୋଇସାରିଛି ।

ଆଶା କରାଯାଏକି ବଳକା ୧୭୨ଟି ସବ୍ ଷ୍ଟେସନ୍ ରେ ପରୀକ୍ଷାମୂଳକ ଚାର୍ଜ ମାର୍ଚ୍ଚ, ୨୦୨୦ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଯିବ ।

୨. <u>ଓ. ଡି.ଏ.ଏଫ୍.ଏଫ୍.ପି (ODAFFP) ସ୍ଥିତି ଓ ଅଗ୍ରଗତି:-</u>

କ. ଓଡିଶା ରାଜ୍ୟସରକାର ଟ.୧୦୦.୦୦ କୋଟି ଟଙ୍କାର ପାଣ୍ଠି ରାଜ୍ୟରେ ୧୧ କେଭି ଉତ୍ସର୍ଗୀକୃତ କୃଷି ଓ ମତ୍ସଚାଷ ଫିଡର ନିର୍ମାଣ ନିମନ୍ତେ ଅନୁଦାନ ସ୍ୱରୂପ ମଞ୍ଜୁର କରିଛନ୍ତି । ଓ.ପି.ଟି.ସି.ଏଲ୍. ଏହି ନିର୍ମାଣ ନିମନ୍ତେ ନୋଡାଲ୍ ସଂସ୍ଥା ଭାବେ କାର୍ଯ୍ୟ କରୁଛି ।

ଖ. ତା.୧୦.୦୬.୨୦୧୫ ରିଖ ସୁଦ୍ଧା ରାଜ୍ୟରେ ୧୯ଟି ୧୧ କେଭି ଉତ୍ସର୍ଗୀକୃତ ମତ୍ସଚାଷ ଫିଡର ନିର୍ମାଣ ନିମନ୍ତେ ଟ.୧୨୮ କୋଟି ୯୩ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ମେସର୍ସ ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକଚର୍ ଲିମିଟେଡ୍ କୁ ପ୍ରଦାନ କରାଯାଇଅଛି ।

ଗ. ବର୍ତ୍ତମାନ ସୁଦ୍ଧା ନିମ୍ନଲିଖିତ ମତ୍ସଜୀବି ଫିଡର ଗୁଡିକ ଚାର୍ଜ ହୋଇସାରିଲାଣି:-

- ୧୧ କେଭି କୋଣାର୍କ – ଚନ୍ଦ୍ରଭାଗା ଫିଡର
- ୧୧ କେଭି ସୁତାନ – ଟିକିନା ଫିଡର
- ୧୧ କେଭି ଜଗପୁର – ସୋନପୁର ଫିଡର
- ୧୧ କେଭି ଲଙ୍କେଶ୍ୱର – କଶାଫଳ-ବାହାବଲପୁର-ସାର୍ଥା ଫିଡର
- ୧୧ କେଭି ଶ୍ରୀଜଙ୍ଗ – ଇଂଚୁଡି ଫିଡର
- ୧୧ କେଭି ଇରାମ – ଚୁଡାମଣି ଫିଡର
- ୧୧ କେଭି ଦଶବାଟିଆ – କୁଶୁପୁର ଫିଡର
- ୧୧ କେଭି ଜଗନ୍ନାଥପୁର – ରାଣାକୋଠା ଫିଡର
- ୧୧ କେଭି ସ୍ୱାଧିନପଡିଆ – ଗୁଡୁପାହି
- ୧୧ କେଭି ରସଲପୁର – ବର୍ଦ୍ଧନପୁର ଫିଡର
- ୧୧ କେଭି ବିଦେଇପୁର – ସୁନାମୁହିଁ ଫିଡର

ଆଶା କରାଯାଏ କି ଅନ୍ୟ ବାକି କାର୍ଯ୍ୟ ଗୁଡିକ ଜୁନ୍, ୨୦୨୦ ସୁଦ୍ଧା ସମାପ୍ତ ହୋଇଯିବ ।

୩. ସ୍କ୍ରିପ୍ସ କାର୍ଯ୍ୟ (State Capital Region Improvement of Power System):-

ରାଜ୍ୟ ରାଜଧାନୀ ଅଞ୍ଚଳରେ ସମସ୍ତ ବର୍ଗର ବିଦ୍ୟୁତ୍ ଗ୍ରାହକ ଏବଂ ପବ୍ଲିକ ସର୍ଭିସକୁ ୨୪ x ୭ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଏବଂ ଆବଶ୍ୟକତା ପାଇଁ ଟ.୧୪୯୨.୦୭ କୋଟି ଟଙ୍କାର ପୁଞ୍ଜି ନିବେଶରେ ସ୍କ୍ରିପ୍ କାର୍ଯ୍ୟର ଯୋଜନା କରାଯାଅଛି । ଏହି ସ୍କ୍ରିପ୍ ମାଧ୍ୟମରେ ୧୩୨ କେଭି ଓ ନିମ୍ନ ଭୋଲଟେଜ୍ ଲେଭେଲରେ ଭୂତଳ କେବୁଲ କାର୍ଯ୍ୟସହ ସମସ୍ତ ଗ୍ରୀଡ୍ କୁ ଜି.ଆଇ.ଏସ୍ ଏବଂ ସ୍ମାର୍ଟ ଗ୍ରୀଡ୍ ରେ ପରିବର୍ତ୍ତନ କରିବା ପାଇଁ ପରିକଳ୍ପନା କରାଯାଇଅଛି ।

କ୍ରମିକ ନମ୍ବର	କାର୍ଯ୍ୟର ବିବରଣୀ	କାର୍ଯ୍ୟର ସଫଳ (୩୦.୧୧. ୨୦୧୯ ସୁଦ୍ଧା)	ମନ୍ତବ୍ୟ
୧	ଭୁବନେଶ୍ୱର ଭୂତଳ କେବୁଲ କାର୍ଯ୍ୟ: (ବିଦ୍ୟୁତ୍ ମାର୍ଗ, ସଚିବାଳୟ ମାର୍ଗ, ଜନପଥ, କଟକ ରୋଡ ଏବଂ ମୁଖ୍ୟ ସଂଲଗ୍ନ ରାସ୍ତା ସହ ୧୩୨ କେଭି ଭୂତଳ କେବୁଲ ଚନ୍ଦକା-ବି ଜି.ଆଇ.ଏସ୍ ଗ୍ରୀଡ୍ -ୟୁନିଟ୍-୮ ଜି.ଆଇ.ଏସ୍ ଗ୍ରୀଡ୍ ।	୯୮.୨୦ କି.ମି. ଟ୍ରେଂଚ୍ ରୁଟ୍ (Trench Route) କାର୍ଯ୍ୟ ଶେଷ ହେବା ସହିତ ମୁଖ୍ୟ ବିଦ୍ୟୁତ୍ ସରଞ୍ଜାମର ପରିକ୍ଷଣ ସମାପ୍ତ ହୋଇଯାଇଛି ।	ବର୍ତ୍ତମାନ ପର୍ଯ୍ୟନ୍ତ ୩୩୫୦ ରୁ ୯୧୨ ଟି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ପାଇଛନ୍ତି ।
୨	କଟକ ଭୂତଳ କେବୁଲ କାର୍ଯ୍ୟ: କଟକ ର କିଛି ମୁଖ୍ୟ ରୋଡ-ଲିଙ୍କ ରୋଡ୍, ବକ୍ସିବଜାର, ରୋଡ ସଂଲଗ୍ନ କଲେଜ ରୋଡ-ମେଡିକାଲ ଛକ, କଟକ ଗ୍ରୀଡ୍-ଓ.ଜି.ପି, ଓ.ଜି.ପି-କଲ୍ୟାଣୀ ନଗର ସବ୍ ଷ୍ଟେସନ୍, ବାଦାମବାଡି-ରାଣୀହାଟ, ରାଣୀହାଟ-ଷ୍ଟାଡିୟମ୍, ଷ୍ଟାଡିୟମ-ବାଲିଯାତ୍ରା ପଡିଆ, ଲିଙ୍କରୋଡ୍ ।	୫୪.୯୬ କି.ମି. ଟ୍ରେଂଚ୍ ରୁଟ୍ (Trench Route) କାର୍ଯ୍ୟ ଶେଷ ହେବା ସହିତ ମୁଖ୍ୟ ବିଦ୍ୟୁତ୍ ସରଞ୍ଜାମର ପରିକ୍ଷଣ ସମାପ୍ତ ହୋଇଯାଇଛି ।	ବର୍ତ୍ତମାନ ପର୍ଯ୍ୟନ୍ତ ୩୨୨୦ ରୁ ୪୨୦ ଟି ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଭୂତଳ କେବୁଲ ମାଧ୍ୟମରେ ବିଦ୍ୟୁତ୍ ପାଇଛନ୍ତି ।
୩	୧୩୨ କେଭି ଭୂତଳ କେବୁଲ ସଂଯୋଗୀକରଣ-ମଞ୍ଚେଶ୍ୱର-ବି ଜି.ଆଇ.ଏସ୍, ଚନ୍ଦକା-ବି ଜି.ଆଇ.ଏସ୍ ଗ୍ରୀଡ୍ ଏବଂ ମଞ୍ଚେଶ୍ୱର –ଏ ଏ.ଆଇ.ଏସ୍ ଗ୍ରୀଡ୍ ।	୧୧.୨ କି.ମି. ଟ୍ରେଂଚ୍ ରୁଟ୍ (Trench Route) କାର୍ଯ୍ୟ ଶେଷ ହୋଇଯାଇଛି ।	ଦୁଇଟିଯାକ ସର୍କିଟ ଚାର୍ଜିଂ ପାଇଁ ପ୍ରସ୍ତୁତ ।
୪	ଭୁବନେଶ୍ୱର ସହର ପାଇଁ ୭ଟି ୩୩/୧୧ କେଭି ଜି.ଆଇ.ଏସ୍, ପି.ଏସ୍.ଏସ୍ କାର୍ଯ୍ୟ ।	ତା.୦୭.୦୩.୨୦୧୯ ରେ ଏଲ୍.ଓ.ଏ ବାହାରି ସାରିଛି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ।	୪ ଟି ସବ୍ ଷ୍ଟେସନ୍ ପାଇଁ ଜମି ଯଥା – ୟୁନିଟ୍-୮, ବଡଗଡ, ସତ୍ୟନଗର, ବାପୁଜିନଗର ମିଳିଅଛି ଏବଂ ୩ଟି ମାଷ୍ଟରକ୍ୟାଂଟିନ, ଖାରବେଳନଗର, ଶାନ୍ତିପଲ୍ଲି ଠାରେ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଅଛି ।
୫	୨x୬୩ ଏମ୍.ଭି.ଏ, ୨୨୦/୩୩ କେଭି ଜି.ଆଇ.ଏସ୍ ଗ୍ରୀଡ୍ – ଗୋଡିସାହି ଏବଂ କଣ୍ଟାବାଡ	ତା.୨୨.୦୨.୨୦୧୯ ରେ ଏଲ୍.ଓ.ଏ ବାହାରି ସାରିଛି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି । ଭୁବନେଶ୍ୱର ଡେଭଲେମେଣ୍ଟ ଅଥରିଟି ଙ୍କର କ୍ଲିୟରେନ୍ସ ଅପେକ୍ଷାରେ ।	ତା.୨୧.୦୮.୨୦୨୦ କାର୍ଯ୍ୟ ସମାପ୍ତ ଧାର୍ଯ୍ୟ ।
୬	୨x୬୩ ଏମ୍.ଭି.ଏ, ୨୨୦/୩୩ କେଭି ଜି.ଆଇ.ଏସ୍ ଗ୍ରୀଡ୍ – ସତ୍ୟନଗର ଏବଂ ବଡଗଡ, ୧୩୨ କେଭି ଭୂତଳ କେବୁଲ ଲାଇନ୍ସ ଏବଂ ଏ.ଆଇ.ଏସ୍ ବେ କେଶୁରା ।	ସତ୍ୟନଗର ଏବଂ ବଡଗଡ, ୧୩୨ କେଭି ଭୂତଳ କେବୁଲ ଲାଇନ୍ସ ର କାର୍ଯ୍ୟ ସମାପ୍ତି ପରେ ସତ୍ୟନଗର ଜମି ସ୍ଥିର କରାଯିବ ।	ତା.୨୧.୦୮.୨୦୨୦ କାର୍ଯ୍ୟ ସମାପ୍ତ ଧାର୍ଯ୍ୟ ।
୭	୨x୧୬୦ ଏମ୍.ଭି.ଏ, ୨୨୦/୩୩ କେଭି ଏବଂ ୨x୬୩ ଏମ୍.ଭି.ଏ, ୧୩୨/୩୩ କେଭି, ୨୨୦/୧୩୨/୩୩ କେଭି ଜି.ଆଇ.ଏସ୍ ଗ୍ରୀଡ୍-ବାଲିଅନ୍ତା, ୨୨୦ କେଭି ଓ.ଏଚ୍ ଲାଇନ୍, ୧୩୨	ଏଲ୍.ଓ.ଏ ବାହାରି ସାରିଛି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ।	ତା.୨୧.୦୮.୨୦୨୦ କାର୍ଯ୍ୟ ସମାପ୍ତ ଧାର୍ଯ୍ୟ ।

	କେଭି ଓ.ଏଚ୍ ଲାଇନ୍ ମନୋପଲ ।		
୮	୨x୬୩ ଏମ୍.ଭି.ଏ, ୧୩୨/୩୩ କେଭି, ଜି.ଆଇ.ଏସ୍ ଗ୍ରୀଡ୍ ନୟାପଲ୍ଲୀ ୧୩୨ କେଭି ଭୂତଳ କେବୁଲ ଲାଇନ୍ସ ଏବଂ ମଞ୍ଚେଶ୍ୱର ଗ୍ରୀଡ୍-ଏ ଏ.ଆଇ.ଏସ୍ ବେ ।	ଏଲ୍.ଓ.ଏ ବାହାରି ସାରିଛି କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି ।	ତା.୦୬.୦୯.୨୦୨୦ କାର୍ଯ୍ୟ ସମାପ୍ତ ଧାର୍ଯ୍ୟ ।
୯	ସାସ୍ ସହିତ ୨x୪୦ ଏମ୍.ଭି.ଏ, ୧୩୨/୩୩ କେଭି ଜି.ଆଇ.ଏସ୍, ଗ୍ରୀଡ୍, ୟୁନିଟ୍ – ୮, ଭୁବନେଶ୍ୱର ।	୧୧ କି.ମି. ୧୩୨ କେଭି ଭୂତଳ କେବୁଲ ଏବଂ ୪୦ ଏମ୍.ଭି.ଏ ଟ୍ରାନ୍ସଫର୍ମର ସ୍ଥାପନ ସହ ମାର୍ଚ୍ଚ, ୨୦୧୯ ସୁଦ୍ଧା କାର୍ଯ୍ୟକ୍ଷମ ହୋଇଯାଇଅଛି ।	ଦ୍ୱିତୀୟ ୪୦ ଏମ୍.ଭି.ଏ. ଅପେକ୍ଷାରେ ।
୧୦	ସାସ୍ ସହିତ ୨x୪୦ ଏମ୍.ଭି.ଏ, ୧୩୨/୩୩ କେଭି ଜି.ଆଇ.ଏସ୍, ଗ୍ରୀଡ୍, ମଞ୍ଚେଶ୍ୱର, ଭୁବନେଶ୍ୱର ।	୧୧ କି.ମି. ୧୩୨ କେଭି ଭୂତଳ କେବୁଲ ବିଛାଇବା ସହ ଟ୍ରାନ୍ସଫର୍ମର ସ୍ଥାପନ ସମାପ୍ତ । ପରିକ୍ଷଣ ଜାରୀ ରହିଛି ।	ପରିକ୍ଷଣ ଜାରୀ ରହିଛି ।
୧୧	୨୨୦ କେଭି ଏହାଦ୍ୱାରା ଟ୍ରାନ୍ସମିଶନ୍ ଲାଇନ୍ (୩୨.୮୪ କି.ମି.)୨୨୦/୧୩୨/୩୩ କେଭି ପ୍ରତାପଶାସନ ଠାରୁ ୨୨୦/୧୩୨/୩୩ କେଭି ସବ୍ ଷ୍ଟେସନ୍, ନୂଆପଡା ।	ନିର୍ଦ୍ଧାରିତ ରାସ୍ତାର ବୁଝାମଣା ଏବଂ ଧାନକ୍ଷେତ ସକାଶେ ଅବରୋଧ ।	ସମସ୍ତ ସୀମା ଧାର୍ଯ୍ୟ ତା.୦୯.୦୪.୨୦୨୦ ।
୧୨	୨୨୦ କେଭି ଏହାଦ୍ୱାରା ଟ୍ରାନ୍ସମିଶନ୍ ଲାଇନ୍ (୧୫.୨୮ କି.ମି.) (କଟକ) ନୂଆପଡା ଠାରୁ ପ୍ରତାପଶାସନ ।	ଓଡିଶା ଉଚ୍ଚନ୍ୟାୟାଳୟ ରେ ବିଚାରଧିନ ।	ନିର୍ଦ୍ଧାରିତ ରାସ୍ତାର ଅବରୋଧ ।

୪. <u>ଆର.ଆର.ସି.ପି (Redial to Ring Conversion Project):-</u> ରାଜ୍ୟର ସମସ୍ତ ସହରାଞ୍ଚଳ ଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗେଇବା ପାଇଁ ଆର.ଆର.ସି.ପି ପ୍ରକଳ୍ପର ପରିକଳ୍ପନା କରାଯାଇଅଛି । ଏହାର ଖର୍ଚ୍ଚ ଅଟକଳ ୨୪୯ କୋଟି ୯୪ ଲକ୍ଷ ଟଙ୍କା ଅଟେ । ଏହି ପ୍ରକଳ୍ପର ସମସ୍ତ ରେଡିୟାଲ୍ ଗ୍ରୀଡ୍ ସବ୍ ଷ୍ଟେସନ୍ ଗୁଡିକୁ ପରସ୍ପର ସହିତ ରିଙ୍ଗ୍ ମାଧ୍ୟମରେ ସଂଯୋଗୀକରଣ ବ୍ୟବସ୍ଥା କରାଯାଉଅଛି । ଯେପରିକି ସମସ୍ତ ଗ୍ରୀଡ୍ ଗୁଡିକୁ ବିଭିନ୍ନ ଉତ୍ସରୁ ବିଦ୍ୟୁତ୍ ସରବରାହ କରିପାରିବ ଏବଂ ଜରୁରୀ ସମୟରେ ବିଦ୍ୟୁତ୍ ଯୋଗାଣ/ ସରବରାହରେ କୌଣସି ବ୍ୟାଘାତ ଘଟିବ ନାହିଁ । ଏହି ପ୍ରକଳ୍ପ ମାଧ୍ୟମରେ ଭଦ୍ରକ-ଯାଜପୁର, ବୌଦ୍ଧ-ଫୁଲବାଣି, ପଦ୍ମପୁର-ନୂଆପଡା, ଦିଗପହଣ୍ଡି-ଆସ୍କା, ପାରଳାଖେମୁଣ୍ଡି-ଆର୍-ଉଦୟଗିରି, ଲାପଙ୍ଗକ-ବ୍ରଜରାଜନଗର, ପଟାଙ୍ଗି-ପୋଡାଗଡ, ଆସ୍କା-ନରେନ୍ଦ୍ରପୁର ୧୩୨ କେଭି ଲାଇନ୍ ନିର୍ମାଣ ପାଇଁ ଯୋଜନା କରାଯାଇଅଛି । ତନ୍ମଧ୍ୟରୁ ଭଦ୍ରକ-ଆନନ୍ଦପୁର ଲାଇନ୍ କାମ ସରିଯାଇଅଛି ଏବଂ ଅନ୍ୟ ଲାଇନ୍ କାମ ଚାଲୁଅଛି ।

୫. <u>ଡି.ଆର.ସି. (Disaster Response Centre):-</u> ବିଭିନ୍ନ ପ୍ରକଳ୍ପ ପ୍ରାକୃତିକ ବିପର୍ଯ୍ୟୟ ଯଥା-ବାତ୍ୟା, ବନ୍ୟା ଇତ୍ୟାଦି ସମୟରେ ଖୁବ୍ କମ୍ ସମୟ ମଧ୍ୟରେ ବିଦ୍ୟୁତ୍ ଶକ୍ତିର ପୁର୍ନରୁଦ୍ଧାର ଓ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ୧୫୧ କୋଟି ୩୩ ଲକ୍ଷ ଟଙ୍କା ବିନିଯୋଗରେ ଡି.ଆର.ସି ପ୍ରକଳ୍ପର ପରିକଳ୍ପନା କରାଯାଇଅଛି । ଏହି ପ୍ରକଳ୍ପରେ ଇ.ଆର୍.ଏସ୍. ଟାୱାର କ୍ରୟ କରିବା ଯୋଜନା ମଧ୍ୟ ଅନ୍ତର୍ଭୁକ୍ତ । ଇ.ଆର୍.ଏସ୍ ଟାୱାର ଗୁଡିକ ଦ୍ୱାରା ଖୁବ୍ କମ୍ ସମୟ ମଧ୍ୟରେ ବିଦ୍ୟୁତ୍ ସରବରାହକୁ ଅସ୍ଥାୟୀ ଭାବରେ ଚାଲୁ କରାଯାଇପାରିବ । ଆହୁରି ମଧ୍ୟ ବନ୍ୟା/ବାତ୍ୟା ପ୍ରବଣ ଅଞ୍ଚଳରେ ଡି.ଜି. ସେଟ୍, ଜଳ ନିଷ୍କାସନ ପମ୍ପସ୍ ସେଟ୍ ଗୁଡିକୁ ରଖିବା ନିମନ୍ତେ ଯୋଜନା ଅଛି ଏବଂ ଯେତେବେଳେ ଦରକାର ତତକ୍ଷଣାତ୍ ଏ ସବୁର ଉପଯୋଗ କରାଯିବ । ଅଧିକରୁ ଅତିରିକ୍ତ ଟ୍ରାନ୍ସଫର୍ମର ୩୧୫,୧୬୦ ଏବଂ ୨୦ ଏମ୍.ଭି.ଏ କ୍ଷମତା ସମ୍ପନ୍ନ କ୍ରୟ କରାଯାଇ ରଖାଯାଇଛି । ସେହି ଟ୍ରାନ୍ସଫର୍ମର ଗୁଡିକ ଜରୁରୀକାଳୀନ ପରିସ୍ଥିତି ସମୟରେ ଗୁରୁତ୍ୱପୂର୍ଣ୍ଣ ଗ୍ରୀଡ୍ ସବ୍ ଷ୍ଟେସନ୍ ମାନଙ୍କରେ ବିଦ୍ୟୁତ୍ ପୁନରୁଦ୍ଧାର କାମରେ ନିୟୋଜିତ କରାଯାଇପାରିବ ଏବଂ ଯେଉଁ ସ୍ଥାନରେ ଆବଶ୍ୟକ ସେହି

ସ୍ଥାନକୁ ମଧ୍ୟ ପଠାଯାଇପାରିବ । ଦୈବୀ ଦୁର୍ବିପାକ ସମୟରେ ଜରୁରୀ ଯୋଗାଯୋଗ ନିମନ୍ତେ ଭି ସ୍ୟାଟ୍ ଓ ସ୍ୟାଟଲାଇଟ୍ ଫୋନ୍ ଇତ୍ୟାଦି କ୍ରୟ କରାଯାଉଅଛି ।

୬. **ଡି.ଆର୍.ପି.ଏସ୍ (Disaster Resilient Power System):-** ୨୩୧ କୋଟି ୪୩ ଲକ୍ଷ ଟଙ୍କା ବିନିଯୋଗାରେ ଡି.ଆର୍.ପି.ଏସ୍. ପ୍ରକଳ୍ପର ମୂଳ ଲକ୍ଷ ଜରୁରୀ କାଳୀନ ଦୈବୀ ଦୁର୍ବିପାକ ସମୟରେ ବିଦ୍ୟୁତ୍ ସରବରାହ ସବ୍ ଷ୍ଟେସନ୍ /ଉପକରଣ ଗୁଡିକରେ କ୍ଷୟକ୍ଷତିକୁ ରୋକିବା ଅଟେ । ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ ଉପକୂଳ ଓଡିଶାର ୬୦ କି.ମି. ପରିସୀମା ମଧ୍ୟରେ ବନ୍ୟା/ବାତ୍ୟା ଜନିତ ବୈଦ୍ୟୁତିକ ଭିତ୍ତିଭୂମି କ୍ଷୟକ୍ଷତି ଆଗାମୀ ପିଢିମାନଙ୍କରେ ଆଖିଦୃଷ୍ଟିଆ ଭାବରେ ହ୍ରାସ ପାଇବ । ଏହି ପ୍ରକଳ୍ପ ମାଧ୍ୟମରେ ଚାନ୍ଦପାଲି ଜି.ଆର୍.ଏସ୍, ଖୁଣ୍ଟିଆ ଗ୍ରୀଡ୍ ସବ୍ ଷ୍ଟେସନ୍, ଓଲାଭାର-ଚାନ୍ଦବାଲି ଲାଇନ୍ କାମ ସରିଯାଇଅଛି ଏବଂ ପ୍ରତାପଶାସନ-ପାଣ୍ଡିଆବିଲ ଲାଇନ୍ କାମ ଚାଲୁଅଛି ।

୭. **ସ୍ମାର୍ଟ ଗ୍ରୀଡ୍**

ଏହି ପ୍ରକଳ୍ପର ଖର୍ଚ୍ଚ ଅଟକଳ ୨୦୯ କୋଟି ୭୦ ଲକ୍ଷ ଟଙ୍କା ଅଟେ । ଏହି ସ୍ମାର୍ଟ ଗ୍ରୀଡ୍ ଦ୍ୱାରା ନୂଆ ନୂଆ ଜ୍ଞାନ କୌଶଳ ଯଥା ଆଡଭାନ୍ସ ମିଟରିଂ ଇନଫ୍ରାଷ୍ଟ୍ରକ୍ଚର (AMI), ଜିଓଗ୍ରାଫିକାଲ ଇନଫରମେସନ ସିଷ୍ଟମ୍ (GIS) ଫଲ୍ଟ ଲୋକେଟର ଏନର୍ଜି ଅଡିଟ ମିଟରିଂ ଇତ୍ୟାଦି ବ୍ୟବହାର କରାଯିବ । ଯଦ୍ୱାରା ବିଦ୍ୟୁତ୍ ପରିବହନ ବ୍ୟବସ୍ଥା ଆହୁରି ଭରସାଯୋଗ୍ୟ କ୍ଷମତାପନ୍ନ ଏବଂ ମିତବ୍ୟୟୀ ହୋଇପାରିବ । ଏହି ସ୍କିମ ଦ୍ୱାରା ଓ.ପି.ଟି.ସି.ଏଲ୍ ର ସମସ୍ତ ୧୩୨ କେଭି ଲାଇନ୍ ଠାରୁ ଆରମ୍ଭ କରି ୪୦୦ କେଭି ଲାଇନ୍ ପର୍ଯ୍ୟନ୍ତ ଓ.ପି.ଜି.ଡବ୍ଲୁ. ବିଛାଇବା କାର୍ଯ୍ୟ ଆରମ୍ଭ କରିଛି ଏବଂ କେତେକ ସ୍ଥାନରେ ମଧ୍ୟ କାର୍ଯ୍ୟ ସରିଗଲାଣି । ଆହୁରି ମଧ୍ୟ ସ୍କାଡା ପ୍ଲାଟଫର୍ମରେ କେତେକ ୨୨୦ କେଭି ଓ ୧୩୨ କେଭି ଗ୍ରୀଡ୍ ସବ୍ ଷ୍ଟେସନ୍ ଅନ୍ତର୍ଭୁକ୍ତ କରିବା ନିମନ୍ତେ ବ୍ୟବସ୍ଥା ଚାଲିଛି । ଏତଦ୍ ବ୍ୟତୀତ ଓ.ପି.ଟି.ସି.ଏଲ୍, ଚନ୍ଦକା-ବି ଠାରେ ଅତ୍ୟାଧୁନିକ ଜି.ଆର୍.ଏସ୍. ପ୍ରଯୁକ୍ତି କୌଶଳ ପ୍ରୟୋଗ କରି ଏକ ୨୨୦/୧୩୨/୧୩୩ କେଭି ସ୍ମାର୍ଟ ସ୍ୱଂୟଚାଳିତ ଗ୍ରୀଡ୍ ସବ୍ ଷ୍ଟେସନ୍ ନିର୍ମାଣ କରିଅଛି ।

୮. **ସୋଲାର ପାୱାର ଇଭାକ୍ୟୁସନ୍ (ସୌରଶକ୍ତିର ଉତ୍ପାଦନ):-**

ଜିଜୁମରା ଏବଂ ମାମୋଣ୍ଡା ଠାରେ ଥିବା ଦୁଇଟି ସୌରଶକ୍ତି ଉତ୍ପାଦନ କେନ୍ଦ୍ର ମାଧ୍ୟମରେ ୨୮୦ ମେଗାୱାଟ୍ ର ସୌରତାପ ଜନିତ ବିଦ୍ୟୁତ୍ ଶକ୍ତି ସରବରାହ କରିବା ପାଇଁ ଓ.ପି.ଟି.ସି.ଏଲ୍. ଏହାର ଇ.ଏଚ୍.ଭି. ନେଟୱାର୍କ ଗୁଡିକୁ ୪୦୦ କେଭି ଭୋଲେଟଜ୍ ସ୍ତରରେ ଉନ୍ନତୀକରଣ କରିବାକୁ ଯୋଜନା କରୁଅଛି । ଏହି ଦୁଇଟି ପ୍ରକଳ୍ପ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ (ସି.ଇ.ଏ) ଦ୍ୱାରା ଜି.ଇ.ସି. ଫେଜ-୧ ସ୍କିମ୍ ରେ ୩୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଅନୁମୋଦିତ ହୋଇସାରିଛି । ଡି.ପି.ଆର୍. (ସବିସ୍ତୃତ ପଜ୍ଜ୍ ବିବରଣୀ) କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ହୋଇସାରିଛି ଏବଂ ଟେଣ୍ଡର ମୂଲ୍ୟାଙ୍କନ ସରିଯାଇଅଛି ଏବଂ କାର୍ଯ୍ୟାଦେଶ ଅପେକ୍ଷାରେ । ଶତକଡା ୪୦ ଭାଗ ଆର୍ଥିକ ସହାୟତା (ଏନ୍.ସି.ଇ.ଏଫ୍) ହସ୍ତଗତ କରିବା ଆଶା କରାଯାଇଅଛି ।

ଡି.ଡି.ୟୁ.ଜି.ୱାଇ. ନିଉ (Deen Dayal Upadhaya Gram Jyoti Yojana), ODISHA:-

୧. **ୟୁ.ଇ. ଗ୍ରାମ (UE VILLAGES):-**

ପ୍ୟାକେଜ୍	ସ୍କୋପ	ଶେଷ ହୋଇଥିବା କାର୍ଯ୍ୟ	ଚାଲୁଥିବା କାର୍ଯ୍ୟ
ସେସୁ	୪୨	୪୨	୦
ସାଉଥକୋ	୧୧୪	୧୧୪	୦
ୱେସ୍କୋ	୯୩	୯୩	୦
ମୋଟ	**୨୪୯**	**୨୪୯**	**୦**

୨. ଏସ୍.ଏ.ଜି.ୟାଇ ଗ୍ରାମ (SAGY VILLAGES):-

ପ୍ୟାକେଜ୍	ସ୍କୋପ	ଶେଷ ହୋଇଥିବା କାର୍ଯ୍ୟ	ଚାଲୁଥିବା କାର୍ଯ୍ୟ
ସେସୁ	୧୩	୧୨	୦
ନେସ୍କୋ	୦୭	୦୭	୦
ସାଉଥକୋ	୦୪	୦୨	୦
ୱେସ୍କୋ	୦୬	୦୬	୦
ମୋଟ	**୩୦**	**୨୭**	**୦**

୩. ପି.ଇ ଗ୍ରାମ (PE VILLAGES):-

ପ୍ୟାକେଜ୍	ସ୍କୋପ	ଶେଷ ହୋଇଥିବା କାର୍ଯ୍ୟ	ଚାଲୁଥିବା କାର୍ଯ୍ୟ
ସେସୁ	୭୩୦	୭୩୦	୦
ନେସ୍କୋ	୫୬୫	୫୬୫	୦
ସାଉଥକୋ	୩୧୯	୩୧୯	୦
ୱେସ୍କୋ	୬୮	୬୮	୦
ମୋଟ	**୧୬୫୯**	**୧୬୫୯**	**୦**

୪. ପୋଗ୍ରେସ ଅଫ୍ ହାଉସହୋଲ୍ଡ ଇଲେକ୍ଟ୍ରିଫିକେସନ୍ (Progress of Household Electrification):-

ପ୍ୟାକେଜ୍	ସ୍କୋପ	ଶେଷ ହୋଇଥିବା କାର୍ଯ୍ୟ	ଚାଲୁଥିବା କାର୍ଯ୍ୟ
ସେସୁ	୨୧୮୩୬	୨୧୮୩୬	୦
ନେସ୍କୋ	୩୫୬୭୦	୩୫୬୭୦	୦
ସାଉଥକୋ	୨୧୫୫୯	୨୧୫୫୯	୦
ୱେସ୍କୋ	୭୬୭୩	୭୬୭୩	୦
ମୋଟ	**୮୬୭୩୮**	**୮୬୭୩୮**	**୦**

୫. ଫିଡର ସେପାରେସନ୍ (DEDICATED AGRICULTURE FEEDER):-

ପ୍ୟାକେଜ୍	ସ୍କୋପ	ଶେଷ ହୋଇଥିବା କାର୍ଯ୍ୟ	ଚାଲୁଥିବା କାର୍ଯ୍ୟ
ସେସୁ	୨୩	୭	୧୬
ନେସ୍କୋ	୪୮	୪୪	୪
ସାଉଥକୋ	୨୪	୦	୨୪
ୱେସ୍କୋ	୦୬	୧	୦୫
ମୋଟ	**୧୦୧**	**୫୨**	**୪୯**

୬. ନିଉ ୩୩/୧୧ କେଭି ସବ୍ ଷ୍ଟେସନ୍ :-

ପ୍ୟାକେଜ୍	ସ୍କୋପ	ସାଇଟ୍ ହସ୍ତାନ୍ତର	ଚତୁଃପାର୍ଶ୍ୱ କାର୍ଯ୍ୟ ଆରମ୍ଭ
ୱେସ୍କୋ	୦୭	ସବୁ ସାଇଟ୍ ହସ୍ତାନ୍ତର	ରେଙ୍ଗାଲି, ଲରମ୍ଭା, କୁଡାସିଂ, ବନ୍ଧପାଳ, ଗୋବିନ୍ଦପୁର ଆଦି ୫ଟି ସବ୍ ଷ୍ଟେସନ୍ ରେ କାମ ଶେଷ ହୋଇଯାଉଛି । ରାଇବାହାଲରେ କାମ ଚାଲୁଅଛି । ନିଉ ବୁଡାବାହାଲ ପାଇଁ ଜଙ୍ଗଲ ବିଭାଗରୁ ଅନୁମତି ମିଳିଅଛି ।
ସେସୁ	୦୫	ସବୁ ସାଇଟ୍ ହସ୍ତାନ୍ତର	ଚାରିଛକ, ହାଟବସ୍ତା, ନାରଣପୁର ଆଦି ୩ଟି ସବ୍ ଷ୍ଟେସନ୍ ରେ କାମ ଶେଷ ହୋଇଯାଇଛି । ଦାଣ୍ଡିପୁର, ସୋଲାରି କାମ ଚାଲୁଅଛି ।
ମୋଟ	**୧୨**	-	-

ଆଇ.ପି.ଡି.ଏସ୍ (INTEGRATED POWER DEVELOPMENT SCHEME), ODISHA:-

ସହର ବିବରଣୀ:-

ପ୍ୟାକେଜ୍	ସହର ସ୍କୋପ (ସଂଖ୍ୟା)	ସହରରେ ଆରମ୍ଭ ହୋଇଥିବା କାର୍ଯ୍ୟ ସଂଖ୍ୟା	କାର୍ଯ୍ୟ ସମାପ୍ତ ହୋଇଥିବା ସହର	ଚାଲୁଥିବା କାର୍ଯ୍ୟ
ସେସୁ	୨୮	୨୮	୬	ସମସ୍ତ ୨୨ ଟି ସହରରେ ୧୧ କେଭି ଏବଂ ଏଲ୍.ଟି ଲାଇନ୍ ର କାର୍ଯ୍ୟ ଚାଲୁଅଛି । ୧୧ କେଭି ଲାଇନ୍ ରେ ୧୮୮.୫୬ କି.ମି. ତାର ଟଣାଯାଇଅଛି । ୧୨୨ କି.ମି. ଏଲ୍.ଟି ଏ.ବି କେବୁଲ ଟଣାଯାଇଅଛି । ୧୭.୯୫ ସି. କି.ମି. ୩୩ କେଭି ଲାଇନ୍ ଟଣାଯାଇଅଛି । ୬୦୮ ଟି ନିଉ ଡି.ଟି.ଆର୍ ଏବଂ ୨୫ ଟି ନିଉ ପି.ଟି.ଆର୍ ସ୍ଥାପନ କରାଯାଇଅଛି । ୪୬ ଟି ପି.ଏସ୍.ଏସ୍ ଅଗମେଣ୍ଟସନ୍ ଚାଲୁଅଛି ଏବଂ ୨୩ ଟି ର କାମ ସରିଯାଇଅଛି ।
ନେସ୍କୋ	୧୯	୧୯	୦	ସମସ୍ତ ୧୯ ଟି ସହରରେ ୧୧ କେଭି ଏବଂ ଏଲ୍.ଟି ଲାଇନ୍ ର କାର୍ଯ୍ୟ ଚାଲୁଅଛି । ୧୧ କେଭି ଲାଇନ୍ ରେ ୧୪୦ ସି. କି.ମି. ତାର ଟଣାଯାଇଅଛି । ୮୮୩ କି.ମି. ଏଲ୍.ଟି, ଏ.ବି କେବୁଲ ଟଣାଯାଇଅଛି । ୨୨ ସି. କି.ମି. ୩୩ କେଭି ଲାଇନ୍ ଟଣାଯାଇଅଛି । ୬୩୭ ଟି ନିଉ ଡି.ଟି.ଆର୍ ସ୍ଥାପନ କରାଯାଇଅଛି ।
ସାଉଥକୋ	୩୫	୩୫	୧୫	ସମସ୍ତ ୨୨ ଟି ସହରରେ ୧୧ କେଭି ଏବଂ ଏଲ୍.ଟି ଲାଇନ୍ ର କାର୍ଯ୍ୟ ଚାଲୁଅଛି । ୧୧ କେଭି ଲାଇନ୍ ରେ ୧୬୮ ସି. କି.ମି. ତାର ଟଣାଯାଇଅଛି । ୫୮୬ କି.ମି. ଏଲ୍.ଟି ଏ.ବି କେବୁଲ ଟଣାଯାଇଅଛି । ୭୪ ସି. କି.ମି, ୩୩ କେଭି ଲାଇନ୍ ଟଣାଯାଇଅଛି । ୭୨୧ ଟି ନିଉ ଡି.ଟି.ଆର୍ ଏବଂ ୪୫ ଟି ନିଉ ପି.ଟି.ଆର୍ ସ୍ଥାପନ କରାଯାଇଅଛି । ୧୨ଟି ପି.ଏସ୍.ଏସ୍ ଅଗମେଣ୍ଟନସ୍ ଚାଲୁଅଛି ଏବଂ ୨୭ଟି ର କାମ ସରିଯାଇଅଛି ।
ୱେସ୍କୋ	୩୦	୩୦	୧୬	ସମସ୍ତ ୧୫ ଟି ସହରରେ ୧୧ କେଭି ଏବଂ ଏଲ୍.ଟି ଲାଇନ୍ ର କାର୍ଯ୍ୟ ଚାଲୁଅଛି । ୧୧ କେଭି ଲାଇନ୍ ରେ ୩୬୯ ସି. କି.ମି. ତାର ଟଣାଯାଇଅଛି । ୭୨୧ କି.ମି. ଏଲ୍.ଟି ଏ.ବି କେବୁଲ ଟଣାଯାଇଅଛି । ୮୨ ସି. କି.ମି, ୩୩ କେଭି ଲାଇନ୍

				ଟଣାଯାଇଅଛି । ୩୩୩ ଟି ନିଉ ଡି.ଟି.ଆର୍ ଏବଂ ୧୩ ଟି ପି.ଟି.ଆର୍ ସ୍ଥାପନ କରାଯାଇଅଛି । ୧୨ ଟି ପି.ଏସ୍.ଏସ୍ ଅଗମେଣ୍ଟସନ୍ ଚାଲୁଅଛି ଏବଂ ୧୫ଟିର କାମ ସରିଯାଇଅଛି ।
ମୋଟ	୧୧୨	୧୧୨	୩୭	

ନିଉ ୩୩/୧୧ କେଭି ସବ୍ ଷ୍ଟେସନ୍:-

ପ୍ୟାକେଜ୍	ସ୍କୋପ	ସାଇଟ୍ ହସ୍ତାନ୍ତର	ଚାଲୁଥିବା କାର୍ଯ୍ୟ
ସେସୁ	୦୪	୦୪	୪ ଟିର ବାଉଣ୍ଡରି ୱାଲ ସରିଯାଇଅଛି । ୪ ଟିର ଛାତ ପଡିଯାଇଅଛି । ୪ଟିର ଇକ୍ୟୁପମେଣ୍ଟ ଏବଂ ୪ଟିର ଗ୍ୟାଂଟରି ଫାଉଣ୍ଡେସନ ସରିଯାଇଛି । ଇକ୍ୟୁପମେଣ୍ଟ ୪ଟିର ସ୍ଥାପନ କାର୍ଯ୍ୟ ସରିଯାଇଅଛି ।
ନେସ୍କୋ	୦୭	୦୭	୬ ଟିର ବାଉଣ୍ଡରି ୱାଲ ଚାଲୁଅଛି । ୪ ଟିର ଛାତ କାମ ଚାଲୁଅଛି । ୩ଟି ଚାଲୁ ଅଛି । କଂଟ୍ରୋଲ ରୁମ୍ କାମ ସରିଯାଇଛି - ୬ଟିର, ଗୋଟିଏ ଚାଲୁଅଛି । ଇକ୍ୟୁପମେଣ୍ଟ ଫାଉଣ୍ଡେସନ ୫ଟିର ସିରଯାଇଅଛି । ୨ଟିର ଚାଲୁଅଛି ଏବଂ ସ୍ଥାପନ କାର୍ଯ୍ୟ ସରିଯାଇଅଛି ।
ସାଉଥକୋ	୦୧	୦୧	୧ ଟିର ବାଉଣ୍ଡରି ୱାଲ ଚାଲୁଅଛି । ୧ଟିର ଛାତ କାମ ସରିଯାଇଅଛି । ୧ଟିର ଇକ୍ୟୁପମେଣ୍ଟ ଫାଉଣ୍ଡେସନ ଡବ୍ଲୁଆଇ.ପି. ଚାଲୁଅଛି ।
ୱେସ୍କୋ	୦୨	୦୨	୨ ଟିର ବାଉଣ୍ଡରି ୱାଲ ସରିଯାଇଅଛି । ୨ ଟିର ଛାତ ପଡିଯାଇଅଛି । ୨ ଟିର ଇକ୍ୟୁପମେଣ୍ଟ ସ୍ଥାପନ ସହ ଚାର୍ଜ ହୋଇସାରିଛି ।
ମୋଟ	**୧୪**	**୧୪**	

ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ଗ୍ରୀଡକୋର ପ୍ରମୁଖ କାର୍ଯ୍ୟାବଳୀ

ଗ୍ରୀଡକୋର ଉତ୍ପତ୍ତି ଓ ଆଭିମୁଖ୍ୟ :

ଓଡିଶାର ବିଦ୍ୟୁତ୍ ସଂସ୍କାର ଆଇନ୍ ୧୯୯୫ର ପ୍ରଚଳନ ପରେ ତତ୍କାଳୀନ କାର୍ଯ୍ୟକରୁଥିବା ରାଜ୍ୟ ବିଦ୍ୟୁତ୍ ବୋର୍ଡ (OSEB)ର ଉତ୍ତରାଧିକାରୀ ସଂସ୍ଥା ରୂପେ କାର୍ଯ୍ୟ କରିବା ପାଇଁ, ୧୯୫୬ ମସିହା କମ୍ପାନୀ ଆଇନ୍ ଅନୁଯାୟୀ ଓଡିଶା ସରକାରଙ୍କ ଅଧିକୃତ ନିଗମ ଭାବେ ତା.୨୦.୪.୧୯୯୫ ରିଖରେ ଗ୍ରୀଡକୋ ପଞ୍ଜିକୃତ ହୋଇଥିଲା | ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟୁତ୍ ଆଇନ୍ ୨୦୦୩ର ନିୟମ ଅନୁସାରେ ବିଦ୍ୟୁତ୍ ସରବରାହ କାର୍ଯ୍ୟ ଗ୍ରୀଡକୋଠାରୁ ଅପସାରଣ କରିନିଆଗଲା ଏବଂ ଗ୍ରୀଡକୋ କେବଳ ମୋଟ ଆକାରର ବିଦ୍ୟୁତ୍ କିଣାବିକା କାର୍ଯ୍ୟରେ ନିୟୋଜିତ ହୋଇ ଅଦ୍ୟାବଧି ଉକ୍ତ

କାର୍ଯ୍ୟ ସମ୍ପାଦନ କରିଆସୁଅଛି | ସରକାରଙ୍କ ଅନୁମୋଦିତ ନିଗମ ଭାବେ ଗ୍ରୀଡକୋ, ରାଜ୍ୟର ଚାହିଦା ଅନୁଯାୟୀ ଅର୍ନ୍ତରାଜ୍ୟ ଓ ଅନ୍ୟ ବର୍ହିରାଜ୍ୟ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରରୁ ବିଦ୍ୟୁତ୍ କ୍ରୟ କରି ଓଡିଶାର ଗ୍ରାହକମାନଙ୍କୁ ଖୁଚୁରା ଦରରେ ବିକ୍ରୟ ପାଇଁ ବିଦ୍ୟୁତ୍ ବିତରଣ (DISCOMS) କମ୍ପାନୀମାନଙ୍କୁ ମୋଟ ଆକାରର ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ସମ୍ପାଦିତ କରୁଅଛି | ଏତଦ୍ ବ୍ୟତୀତ ଆବଶ୍ୟକତାଠାରୁ ଅଧିକ ବିଦ୍ୟୁତ୍ ଉପଲବ୍ଧି ବେଳେ, ଗ୍ରୀଡକୋ ବିକ୍ରୟ ବିଦ୍ୟୁତ୍ ବ୍ୟାପାର (Trading) କରି ରାଜସ୍ୱ ବୃଦ୍ଧି କରିବାରେ ସହାୟତା ମଧ କରୁଅଛି |

1. **ବର୍ତ୍ତମାନର ଉନ୍ନତି**

ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟାମକଙ୍କର ନିର୍ଦ୍ଦେଶ ଅନୁଯାୟୀ ରିଲାଏନ୍ସ କମ୍ପାନୀର ଲାଇସେନ୍ସ ରଦ୍ଦ ପରିପ୍ରେକ୍ଷୀରେ ବିଦ୍ୟୁତ୍ ବିତରଣ କମ୍ପାନୀ ଯଥା ଓ୍ୱେସ୍କୋ, ନେସ୍କୋ, ସାଉଥକୋର ପରିଚାଳନା ଗ୍ରୀଡକୋର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଉପରେ ମାର୍ଚ୍ଚ,୨୦୧୫ ରେ ନ୍ୟସ୍ତ କରାଯାଇଛି | ଏହି ତିନିଗୋଟି ବିତରଣ କମ୍ପାନୀ ଗୁଡିକର ସୁପରିଚାଳନା ନିମିତ୍ତ ଗ୍ରୀଡକୋ ତରଫରୁ କ୍ଷମତା ପ୍ରାପ୍ତ ଅଧିକାରୀ ନିଯୁକ୍ତ କରାଯାଇଛି | ଗ୍ରୀଡକୋ ରିଲାଏନ୍ସ ଇନଫ୍ରା.ଲି. ଠାରୁ ବକେୟା ପ୍ରାପ୍ୟ ଟ.୪୨୩୪.୦୯ କୋଟିର ଆଦାୟ ନିମିତ୍ତ ଓଡିଶା ରାଜ୍ୟ ବିଦ୍ୟୁତ୍ ନିୟାମକଙ୍କ ନିକଟରେ ପିଟିସନ୍ ଦାୟର କରିଛି |

ଆର୍ଥିକ ବର୍ଷ ୨୦୧୯-୨୦ ରେ ଗ୍ରୀଡକୋର ପ୍ରମୁଖ କାର୍ଯ୍ୟାବଳୀ

୧. **ରାଜ୍ୟର ବିଦ୍ୟୁତ୍ ଦୃଶ୍ୟପଟ**

i) ବିଭିନ୍ନ କ୍ଷେତ୍ରରୁ ଗ୍ରୀଡକୋକୁ ପ୍ରାପ୍ୟ ବିଦ୍ୟୁତ୍ ଶକ୍ତି ପରିମାଣର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା |

କ୍ରମିକ ସଂଖ୍ୟା	ବିଦ୍ୟୁତ୍ ଉପଲବ୍ଧ କ୍ଷେତ୍ର	ଉପଲବ୍ଧିତ ଶକ୍ତିର ପରିମାଣ (ମେଗାୱାଟ୍)
୧.	ରାଜ୍ୟ ଜଳ ବିଦ୍ୟୁତ୍ ପ୍ରକଳ୍ପ (State Hydro)	୧୮୬୪
୨.	ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (OPGC) ୟୁନିଟ୍ #୧ ଓ ୨ ୟୁନିଟ୍ # ୩ ଓ ୪	୪୨୦ ୯୯୦
୩.	ଟି.ଟି.ପି.ଏସ୍	୪୬୦
୪.	ଆଇ.ପି.ପି. (ବେଦାନ୍ତ, ଜି.ଏମ୍.ଆର. ଏବଂ ଜେଆଇଟିପିଏଲ୍)	୧୦୦୭
୫.	ନୂତନ ଓ ଅକ୍ଷୟ ଶକ୍ତି ଉତ୍ସ (New & Renewable Sources)	୬୧୧
ମୋଟ୍ ରାଜ୍ୟ ମଧ୍ୟରୁ (State Allocation)		**୫୩୫୨**
୬.	କେନ୍ଦ୍ରୀୟ ଜଳ ବିଦ୍ୟୁତ୍ (Central Hydro)	୨୬୮
୭.	କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ (Central Thermal)	୧୦୦୮
ମୋଟ୍ କେନ୍ଦ୍ର ପ୍ରଦତ୍ତ (Central Allocation)		**୧୨୭୬**
ସର୍ବମୋଟ		**୬୬୨୮**

୨. **ଓଡିଶା ବିଦ୍ୟୁତ୍ ନିୟାମକଙ୍କ ଦ୍ୱାରା ୨୦୧୯-୨୦ ଆର୍ଥିକ ବର୍ଷ ନିମିତ୍ତ ଅନୁମୋଦିତ ବିଦ୍ୟୁତ୍ କ୍ରୟ**

ଆର୍ଥିକ ବର୍ଷ ୨୦୧୮-୧୯ ରେ କ୍ରୟ କରାଯାଇଥିବା ବିଦ୍ୟୁତ୍ ଶକ୍ତି, ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ OERCଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ବିଦ୍ୟୁତ୍ ଶକ୍ତି ଏବଂ ଚଳିତ ଆର୍ଥିକ ବର୍ଷ ୨୦୧୯-୨୦ (ଏପ୍ରିଲ ଠାରୁ ସେପ୍ଟେମ୍ବର, ୨୦୧୯ ସୁଦ୍ଧା) କ୍ରୟ କରାଯାଇଥିବା ବିଦ୍ୟୁତ୍ ଶକ୍ତି ସମ୍ବନ୍ଧରେ ତଥ୍ୟ ନିମ୍ନରେ ପ୍ରଦାନ କରାଗଲା |

		Actual ଆର୍ଥିକ ବର୍ଷ ୨୦୧୮-୧୯ ବିଦ୍ୟୁତ୍ ଶକ୍ତି କ୍ରୟ		**OERC** ଙ୍କ ଦ୍ୱାରା ଅନୁମୋଦିତ ଆର୍ଥିକ ବର୍ଷ ୨୦୧୯-୨୦		ଆର୍ଥିକ ବର୍ଷ ୨୦୧୯-୨୦ ବିଦ୍ୟୁତ୍ କ୍ରୟ (ଅପ୍ରେଲ – ସେପ୍ଟେମ୍ବର, ୨୦୧୯)	
କ୍ରମିକ	ବିଦ୍ୟୁତ୍ ଉତ୍ପାଦକ କେନ୍ଦ୍ରର ନାମ	ବିଦ୍ୟୁତ୍ ଶକ୍ତିର	ବିଦ୍ୟୁତ୍ କ୍ରୟର	ବିଦ୍ୟୁତ୍ ଶକ୍ତିର	ବିଦ୍ୟୁତ୍ କ୍ରୟର	ବିଦ୍ୟୁତ୍ ଶକ୍ତିର	ବିଦ୍ୟୁତ୍ କ୍ରୟର

ସଂଖ୍ୟା		ପରିମାଣ (MU)	ମୂଲ୍ୟ କୋଟିରେ	ପରିମାଣ (MU)	ମୂଲ୍ୟ କୋଟିରେ	ପରିମାଣ (MU)	ମୂଲ୍ୟ କୋଟିରେ
୧.	ରାଜ୍ୟ ଜଳ ବିଦ୍ୟୁତ୍ କେନ୍ଦ୍ର ମାନ	୬୧୫୪.୩୨	୫୫୩.୮୩	୫୮୮୧.୭୪	୫୫୩.୦୪	୩୩୬୩.୫୮	୨୫୭.୯୪
୨.	ରାଜ୍ୟ ତାପଜ ବିଦ୍ୟତ୍ କେନ୍ଦ୍ର ମାନ	୯୧୮୭.୩୫	୨୬୪୮.୬୦	୧୫୦୭୩.୦୫	୩୯୧୭.୪୩	୪୮୬୮.୦୫	୧୩୭୭.୧୩
୩.	ନବୀକରଣ ଉତ୍ସ, ସୌରଶକ୍ତି	୪୪୨.୭୩	୨୪୯.୩୫	୬୮୦.୦୦	୩୬୫.୮୦	୧୯୯.୭୭	୧୨୨.୪୭
୪..	ନବୀକରଣ ଉତ୍ସ, ଅନ୍ୟାନ୍ୟ	୩୯୨.୪୯	୧୬୧.୭୦	୭୮୭.୦୦	୨୯୧.୦୦	୩୨୪.୫୧	୧୨୨.୧୭
	ସମୂଦାୟ ରାଜ୍ୟ ମଧ୍ୟରୁ ଉପଲବ୍ଧ ବିଦ୍ୟୁତ୍	**୧୬୧୭୬.୮୯**	**୩୬୧୩.୪୮**	**୨୨୪୨୧.୭୯**	**୫୧୦୭.୨୭**	**୮୭୫୫.୯୧**	**୧୮୭୯.୭୧**
୫.	କେନ୍ଦ୍ରୀୟ ଜଳ ବିଦ୍ୟୁତ୍ ଅଂଶ	୮୬୫.୫୭	୨୨୫.୬୮	୯୧୨.୨୭	୨୧୭.୮୬୮	୭୦୯.୫୪	୨୧୯.୦୧
୬.	କେନ୍ଦ୍ରୀୟ ତାପଜ ବିଦ୍ୟୁତ୍ ଅଂଶ	୮୨୭୨.୯୨	୨୬୫୩.୯୯	୫୩୯୬.୯୭	୧୭୩୩.୮୨	୩୨୮୫.୯୮	୧୨୪୯.୮୮
୭.	ଅନ୍ୟାନ୍ୟ	୨୧୨୨.୬୪	୧୧୦୩.୮୯		୪୯୪.୨୨	୧୮୭୩.୧୪	୬୦୪.୮୧
	ସର୍ବମୋଟ	**୨୭୪୩୮.୦୧**	**୭୫୯୭.୦୪**	**୨୮୭୩୧.୦୩**	**୭୫୫୨.୯୯**	**୧୪୬୨୪.୫୭**	**୩୯୫୩.୪୦**
	ପ୍ରତି ୟୁନିଟ୍ ମୂଲ୍ୟ		୨.୭୭		୨.୬୩		୨.୭୦

ଉପରୋକ୍ତ ବିବରଣୀରୁ ଜଣାଯାଏ ଯେ, ଆର୍ଥିକ ବର୍ଷ ୨୦୧୮-୧୯ ପର୍ଯ୍ୟନ୍ତ ଗ୍ରୀଡକୋ ୨୭୪୩୮.୦୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ହାରାହାରି ୨୭୭ ପଇସା ପ୍ରତି ୟୁନିଟ୍ ପିଛା କ୍ରୟ କରି ଏହାର ମୂଲ୍ୟ ବାବଦକୁ ଟ.୭୫୯୭.୦୪ କୋଟି ଟଙ୍କା ବ୍ୟୟ କରିଅଛି |

୩. ଜଳଭଣ୍ଡାର କ୍ଷମତା

କ୍ରମିକ ସଂଖ୍ୟା	ବିଦ୍ୟୁତ୍ ଉତ୍ପାଦକ କେନ୍ଦ୍ର	ଜଳ ଭଣ୍ଡାର କ୍ଷମତା	ପୂର୍ଣ୍ଣ କ୍ଷମତା/ ସର୍ବନିମ୍ନ କ୍ଷମତା	ଜଳଭଣ୍ଡାର କ୍ଷମତା ତା.୧୩.୧୧.୨୦୧୮ ସୁଦ୍ଧା	ଜଳ ଭଣ୍ଡାର କ୍ଷମତା ତା.୧୩.୧୧.୨୦୧୯ ସୁଦ୍ଧା
୧.	ବୁର୍ଲା	ଫୁଟ	୬୩୦.୦୦/୫୯୦.୦୦	୬୨୬.୩୫	୬୨୯.୮୫
୨.	ଚିପିଲିମା	ଫୁଟ			
୩.	ବାଲିମେଳା	ଫୁଟ	୧୫୧୬.୦୦/୧୪୪୦.୦୦	୧୫୧୦.୪୦	୧୫୧୪.୩୨୦
୪..	ରେଙ୍ଗାଲି	ମିଟର	୧୨୩.୫୦/୧୦୯.୭୨	୧୧୮.୫୨	୧୨୩.୮୧
୫.	ଅପର କୋଲାବ	ମିଟର	୮୫୮.୦୦/ ୮୪୪.୦୦	୮୫୫.୬୯	୮୫୭.୨୧
୬.	ଅପର୍ ଇନ୍ଦ୍ରାବତି	ମିଟର	୬୪୨.୦୦/୬୨୫.୦୦	୬୩୯.୧୦	୬୪୦.୫୬
୭.	ମାଛକୁଣ୍ଡ	ମିଟର	୨୭୫୦.୦୦ /୨୬୮୫.୦୦	୨୭୪୫.୯୫	୨୭୪୮.୭୫

୪. ବର୍ତ୍ତମାନର (ନଭେମ୍ବର, ୨୦୧୯) ସର୍ବୋଚ୍ଚ ଓ ହାରାହାରି ଉପଲବ୍ଧ ହେଉଥିବା ବିଦ୍ୟୁତ୍ ଶକ୍ତିର ପରିମାଣ ନିମ୍ନରେ ପ୍ରଦାନ କରାଗଲା |

କ୍ରମିକ ସଂଖ୍ୟା	ବିଦ୍ୟୁତ୍ ଉପଲବ୍ଧ କ୍ଷେତ୍ର	ସର୍ବୋଚ୍ଚ ଉପଲବ୍ଧି ଶକ୍ତିର ପରିମାଣ (ମେଗାୱାଟ୍)
୧.	ରାଜ୍ୟ ଜଳ ବିଦ୍ୟୁତ୍ ପ୍ରକଳ୍ପ	୧୫୦୦
୨.	ରାଜ୍ୟର ତାପଜ ବିଦ୍ୟୁତ୍ କେନ୍ଦ୍ର (ଓ.ପି.ପି.ଜି.ସି, ଟି.ଟି.ପି.ଏସ୍)	୧୪୮୦
୩.	ଆଇ.ପି.ପି. (ଜି.ଏମ୍.ଆର.,)	୨୪୬
୪..	ସି.ଜି.ପି. (ଓପନ୍ ଆକ୍ସେସ୍)	୨୩୦
୫.	ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି ପ୍ରକଳ୍ପ	୮୦
ମୋଟ୍ ରାଜ୍ୟ ମଧ୍ୟରୁ ଉତ୍ପାଦିତ		୩୫୩୬
କେନ୍ଦ୍ରିୟ ତାପଜ ଅଂଶ		୭୮୨

ବ୍ୟାଙ୍କିଙ୍ଗ୍	୧୩୭
ବଳକା	୭୧୮
ମୋଟ୍ ବିଦ୍ୟୁତ୍ ଶକ୍ତି	୪୩୧୮

ଉପରୋକ୍ତ ବିଦ୍ୟୁତ୍ ଉପଲବ୍ଧର ପରିମାଣ ରାଜ୍ୟର ସର୍ବାଧିକ ଚାହିଦା (୩୬୦୦ ମେଗାୱାଟ୍) ପୂରଣ କରିପାରୁଅଛି | ଏତଦ୍ ବ୍ୟତୀତ ବଳକା ବିଦ୍ୟୁତ୍ ସାମଗ୍ରୀକ ଭାବରେ ବିଦ୍ୟୁତ୍ ଏକ୍ସଚେଞ୍ଜ୍/ ଦ୍ୱିପାକ୍ଷିକ ରାଜିନାମା ମାଧ୍ୟମରେ ବିକ୍ରୟ କରାଯିବ |

୫. ବିଦ୍ୟୁତ୍ ବ୍ୟାଙ୍କିଙ୍ଗ୍ - ଗ୍ରୀଡକୋ (ଅପ୍ରେଲ – ସେପ୍ଟେମ୍ବର, ୨୦୧୯) ମଧ୍ୟରେ ପାୱାର ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ୨୩୭୧.୩୪ ମିଲିଅନ୍ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଆମଦାନି କରି ୧୪୩.୬୩ ମିଲିଅନ୍ ୟୁନିଟ୍ ଫେରସ୍ତ କରିଅଛି |

୬. ଅଣ ପଞ୍ଜିକୃତ ବିଦ୍ୟୁତ୍ କ୍ରୟ

ବିଜୁଳି ଶକ୍ତିର ଚାହିଦା ପୂରଣ ନିମିତ୍ତ ୨୦୧୯-୨୦ ଆର୍ଥିକ ବର୍ଷ (ତା.୩୦.୦୯.୨୦୧୯ ପର୍ଯ୍ୟନ୍ତ) ଗ୍ରୀଡକୋ ୩୭୮.୫୪ ମିଲିୟନ୍ ୟୁନିଟ୍ ବିଦ୍ୟୁତ୍ ଶକ୍ତି ଟ.୧୪୨.୨୯ କୋଟି (ହାରାହାରି ଟ.୩.୭୬ ୟୁନିଟ୍ ପିଛା) ମୂଲ୍ୟରେ କେନ୍ଦ୍ରୀୟ ଗ୍ରୀଡର ଓଭର୍ ଡ୍ରୟାଲ୍ କ୍ରୟ କରିଛି. |

ଏତଦ୍ ବ୍ୟତୀତ ଗ୍ରୀଡକୋ ୨୦୧୯-୨୦ ଆର୍ଥିକ ବର୍ଷ (ତା.୩୦.୦୯.୨୦୧୯) ପର୍ଯ୍ୟନ୍ତ ପାୱାର ଏକ୍ସଚେଞ୍ଜ ମାଧ୍ୟମରେ ୧୧୨୭.୦୧ ମିଲିୟନ ୟୁନିଟ (ହାରାହାରି ଟ.୩.୮୯) ୟୁନିଟ ପିଛା ଟ.୪୩୮.୫୫ କୋଟି ମୂଲ୍ୟର ବିଦ୍ୟୁତ୍ କ୍ରୟ କରିଛନ୍ତି |

୭. ବିଜୁଳି ଶକ୍ତିର ଚାହିଦା ପୂରଣ ନିମିତ୍ତ ୨୦୧୯-୨୦ ଆର୍ଥିକ ବର୍ଷ (ତା.୩୦.୦୯.୨୦୧୯ ପର୍ଯ୍ୟନ୍ତ) ଗ୍ରୀଡକୋ ୨୧୮.୪୫ ମିଲିୟନ୍ ୟୁନିଟ୍ ଟ.୧୧୬.୪୯ କୋଟି (ହାରାହାରି ଟ.୨.୩୭ ୟୁନିଟ୍ ପିଛା) ବିଦ୍ୟୁତ୍ Exchange ମାଧ୍ୟମରେ କ୍ରୟ କରିଛି |

୮. ତ୍ରୟୋଦଶ ପଞ୍ଚବାର୍ଷିକ ଯୋଜନା ଅବଧିରେ ବିଦ୍ୟୁତ୍ ଶକ୍ତି ବୃଦ୍ଧି ନିମନ୍ତେ କାର୍ଯ୍ୟକ୍ରମ :

ଆର୍ଥିକ ବର୍ଷ ୨୦୧୯-୨୦ ରୁ ୨୦୨୦-୨୧ ମଧ୍ୟରେ କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଥିବା ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ର ଗୁଡିକ ସମ୍ବନ୍ଧରେ ତଥ୍ୟନିମ୍ନରେ ପ୍ରଦାନ କରାଗଲା |

Sl.No.	Name of IPPs	Location	Capacity (MW)	Odisha share(MW)	Expected/ Actual date of commissioning
1	Integrated Thermal Power Station, NTPC	Darlipali, Sundargarh	1600	800	# 1st July'2019 #2nd Dec' 2019
2	OPGC Expansion Project (Unit 3 & 4)	Brajarajnagar, Jharsuguda	1320	990 (31.03.2023 ପର୍ଯ୍ୟନ୍ତ) ଏବଂ ତତ୍ପରେ 1320	# 03.07.2019 #20.08. 2019
3	North Karanpura STPS, NTPC	Hazaribagh Chhatra, Bihar	1980	396	# 1 Mar'2021 #2nd Sept , 2021

					#3rdMar' 2022
	Total		**4900**	**2186**	

୯. ନୂତନ ଓ ନବୀକରଣ ଯୋଗ୍ୟ ଶକ୍ତି କ୍ରୟ ଓ RPO ଲକ୍ଷ୍ୟ ପୂରଣ:

ଓଡିଶା ବିଦ୍ୟୁତ୍ ନିୟାମକ ନିୟମାବଳୀ ଅନୁଯାୟୀ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ବିଦ୍ୟୁତ୍ କ୍ରୟର ବିବରଣୀ ନିମ୍ନରେ ପ୍ରଦତ୍ତ କରାଯାଇଅଛି |

ନବୀକରଣ ଶକ୍ତି ଉତ୍ସ	ଆର୍.ପି.ଓ. ଲକ୍ଷ୍ୟ		ବର୍ତ୍ତମାନ କ୍ଷମତା	ସମ୍ଭାବ୍ୟ କ୍ଷମତା	ସେପ୍ଟେମ୍ବର, ୨୦୧୯ ପର୍ଯ୍ୟନ୍ତ କ୍ରୟର ପରିମାଣ
	(%)	(MU)	(MW)	(MU)	(MU)
ଅଣ ସୌରଶକ୍ତି	୫.୫୦	୧୫୩୨.୮୫	୧୯୫	୭୮୭	୩୨୪.୫୧
ସୌରଶକ୍ତି	୫.୫୦	୧୫୩୨.୮୫	୪୧୨	୬୮୬	୧୯୯.୭୭
ସମୂଦାୟ	**୧୧.୦୦**	**୩୦୬୫.୭**	**୬୦୭**	**୧୪୭୩**	**୫୨୪.୨୮**

(କ) ବର୍ତ୍ତମାନ ଗ୍ରୀଡକୋ ସମୂଦାୟ ୬୦୭ ମୋଗାୱାଟ୍ ବିଭିନ୍ନ ନୂତନ ଓ ନବୀକରଣ ଉତ୍ସରୁ ଶକ୍ତି ପ୍ରାପ୍ୟର ଆକଳନ କରିଅଛି | ଏଥି ମଧ୍ୟରୁ ୫୭ ମେଗାୱାଟ୍ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ୪୧୨ ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ, ୨୦ ମେଗାୱାଟ୍ ଜୈବ ବସ୍ତୁ (Bio-mass) ଶକ୍ତି କେନ୍ଦ୍ର ଏବଂ ୧୧୮ ମେଗାୱାଟ୍ ପବନ ଚାଳିତ କେନ୍ଦ୍ରରୁ ଉତ୍ପନ୍ନ କରାଯାଉଅଛି |

(ଖ) ୪୨ ମେଗାୱାଟ୍ କ୍ଷମତା ବିଶିଷ୍ଟ ଛୋଟ ୨ ଗୋଟି ଜଳ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣାଧିନ ଅଛି | ଏଗୁଡିକ ଆର୍ଥିକ ବର୍ଷ ୨୦୧୯-୨୦ ମଧ୍ୟରେ ନିମ୍ନମତେ କାର୍ଯ୍ୟକ୍ଷମ ହେବାର ଆଶା କରାଯାଏ |

i) ଶ୍ରୀ ଅବନ୍ତିକା ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍ (୧୮ ମେଗାୱାଟ୍) –ଡିସେମ୍ବର, ୨୦୨୦

ii) ବୈତରଣୀ ପାୱାର ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍. (୨୪ ମେଗାୱାଟ୍) –ଡିସେମ୍ବର, ୨୦୧୯

(ଗ) ୨୫୦ ମେଗାୱାଟ୍ ପବନଚାଳିତ ବିଦ୍ୟୁତ୍ ଶକ୍ତି କ୍ରୟ କରିବା ପାଇଁ ଗ୍ରୀଡକୋ ଓ ସୋଲାର ଏନର୍ଜି କର୍ପୋରେସନ୍ ଅଫ୍ ଇଣ୍ଡିଆ (SECI) ମଧ୍ୟରେ ଶକ୍ତି ବିକ୍ରୟ ରାଜିନାମା (PSA) ରେ ସ୍ୱାକ୍ଷରିତ ହୋଇଛି | ଯାହାକି ୬୮ ମେଗାୱାଟ୍ ମିଳିଛି ଏବଂ ଆସନ୍ତା ୨ ବର୍ଷ ମଧ୍ୟରେ ୩୨ ମେଗାୱାଟ୍ ମିଳିବାର ଆଶା କରାଯାଉଛି ।

(ଘ) GEDCOL କୁ ଅନୁମୋଦିତ ମୋଟ ୧୦୦୦ ମେଗାୱାଟ୍ ସୌର ପାର୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତାବିତ ୨୭୫ ମେଗାୱାଟ୍ ସୌର ପାର୍କରୁ ସମସ୍ତ ସୌର ଶକ୍ତି କ୍ରୟ କରିବା ପାଇଁ ଗ୍ରୀଡକୋ ନିୟମତଃ ରାଜି ହୋଇଛନ୍ତି |

ଙ) ଇ-ବିଡିଂ ରିଭର୍ସ ଅକ୍ସନ ପ୍ରକ୍ରିୟା ଦ୍ୱାରା ୨୦୦ ମେଗାୱାଟ୍ ସୌରଶକ୍ତି କ୍ରୟ କରିବା ପାଇଁ ଗ୍ରୀଡକୋ ଟେଣ୍ଡର ଆହ୍ୱାନ କରିଥିଲେ । ଇତି ମଧ୍ୟରେ M/s Aditya Birla Renewables Pvt. Ltd. ମୁମ୍ବାଇ ସହିତ ତା.୨୮.୧୨.୨୦୧୮ ରେ ୭୫ ମେଗାୱାଟ୍ ସୌରଶକ୍ତି ପ୍ରୋଜେକ୍ଟ ପାଇଁ ବିଦ୍ୟୁତ୍ କ୍ରୟ ଚୁକ୍ତିନାମା କରାଯାଇଛି |

(ଚ) ଗ୍ରୀଡକୋ ତା.୨୧.୦୮.୨୦୧୮ ରେ ଭାରତୀୟ ସୌରଶକ୍ତି ନିଗମ ସହିତ ୩୦୦ ମେଗାୱାଟ ସୌର ଶକ୍ତି ପାଇବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଅଛି । ଗ୍ରୀଡକୋ ଉପରୋକ୍ତ ଚୁକ୍ତି ଅନୁସାରେ ଅକ୍ଟୋବର, ୨୦୨୦ ସୁଦ୍ଧା ସୌର ଶକ୍ତି ପାଇବାର ଆଶା କରୁଅଛି ।

(ଛ) ଗଂଜାମର ଜଗନ୍ନାଥ ପ୍ରସାଦ ଠାରେ ପ୍ରସ୍ତାବିତ ୪୦ ମେଗାୱାଟ ସୌର ବିଦ୍ୟୁତ୍ ଶକ୍ତି ପାଇବାପାଇଁ NHPC Ltd. (ଜାତୀୟ ଜଳ ବିଦ୍ୟୁତ୍ ନିଗମ) ର ପ୍ରସ୍ତାବକୁ ଗ୍ରୀଡକୋ ଗ୍ରହଣ କରିଅଛି ।

(ଜ) GEDCOL ଦ୍ୱାରା OPTCL ଗ୍ରୀଡ ସବ୍ ଷ୍ଟେସନ୍ ଗୁଡିକର ଅବ୍ୟବହୃତ ଜମିରେ ପ୍ରକଳ୍ପ ମାଧ୍ୟମରେ ସର୍ବମୋଟ ୮ ମେଗାୱାଟ ସୌର ଶକ୍ତି ଉତ୍ପାଦନ କରି GRIDCO କୁ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଅଛି ।

(ଝ) କଟକ ଓ ଭୁବନେଶ୍ୱରରେ ଥିବା ସରକାରୀ ଅଫିସ ଗୁଡିକର ଛାତ ଉପରିଭାଗ (Roof Top) ସୌରଶକ୍ତି ପ୍ରକଳ୍ପରୁ ସମସ୍ତ ୪ ମେଗାୱାଟ୍ ସୌର ଶକ୍ତି ଉତ୍ପାଦନ ପ୍ରକଳ୍ପ ଅନୁସାରେ ଓଡିଶାରେ ଅନ୍ୟ ୧୫ଟି ସହରରେ ମୋଟ ୧୯ ମେଗାୱାଟ୍ ଛତ୍ର ଉପରିଭାଗ (Roof Top) ଉତ୍ପାଦନ କରିବାପାଇଁ ଲକ୍ଷ୍ୟ ରଖାଯାଇଛି |

ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଟିପିସି)

ଢେଙ୍କାନାଳ ଜିଲ୍ଲା କାମାକ୍ଷନଗର ଠାରେ ପ୍ରସ୍ତାବିତ ୩୨୦୦ ମେଗାୱାଟ୍ (୩x୮୦୦+ ୧x୮୦୦ ମେଗାୱାଟ୍) ବିଶିଷ୍ଟ ସୁପର କ୍ରିଟିକାଲ୍ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ୨୦୧୯-୨୦

ଓଡିଶା ସରକାରଙ୍କ ନିଷ୍ପତ୍ତି ଅନୁସାରେ ଓଡିଶା ଜଳ ବିଦ୍ୟୁତ୍ ନିଗମ ଏବଂ ଓଡିଶା ଖଣି ନିଗମର ଯୌଥ ଉଦ୍ୟମରେ ଓଡିଶା ତାପଜ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଟିପିସି) ୨୦୦୭ ମସିହା ଜାନୁୟାରୀ, ୨୯ ତାରିଖରେ ସ୍ଥାପିତ ହେଲା | ଉକ୍ତ ନିଗମ ଢେଙ୍କାନାଳ ଜିଲ୍ଲାର କାମାକ୍ଷନଗରଠାରେ ତାର ୩୨୦୦ ମେଗାୱାଟ୍ (୩x୮୦୦ + ୧x୮୦୦ ମେଗାୱାଟ୍) ବିଶିଷ୍ଟ ସୁପର କ୍ରିଟିକାଲ୍ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯୋଜନା ରଖିଅଛି |

- କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକାରୀଙ୍କର ଅନୁଧ୍ୟାନ ଓ ପରିଦର୍ଶନ ପରେ ଉକ୍ତ ପ୍ରକଳ୍ପ ଟି ସମୁଦାୟ ୧୮୩୩.୯୨୭ ଏକର ଜମି ଅଧିଗ୍ରହଣ କରିବାକୁ ଚୁଡାନ୍ତ ହୋଇଛି ।
- ବେସରକାରୀ ଜମିର କ୍ଷତିପୁରଣ ବାବଦକୁ ସମସ୍ତ ଅର୍ଥ ପ୍ରଦାନ କରାଯିବା ସ୍ଥଳେ ସରକାରୀ ଜମି ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ଅଛି । ବେସରକାରୀ ଜମିର ଅଧିଗ୍ରହଣ ମଧ୍ୟ ଚୁଡାନ୍ତ ପର୍ଯ୍ୟାୟରେ ଅଛି । ପ୍ରକଳ୍ପ ନିମନ୍ତେ ଅବଶ୍ୟକୀୟ ବେସରକାରୀ ଜମିର ଅଧିଗ୍ରହଣ ସହିତ ପ୍ରକଳ୍ପ ର ସୀମା ନିର୍ଦ୍ଧାରଣ କାର୍ଯ୍ୟ ଆଗେଇ ଚାଲିଛି ।
- ଉକ୍ତପ୍ରକଳ୍ପ ର ଅଟକଳ ମୁଲ୍ୟ ଟ.୧୮୨୧୮.୦୦ କୋଟି ଟଙ୍କା ଅଟେ | ପ୍ରତି ମେଗାୱାଟ୍ ପିଛା ଟ ୭.୫୯ କୋଟି ଟଙ୍କା ଖର୍ଚ୍ଚ ହେବ । ଆନୁମାନିକ ମୁଲ୍ୟ ପ୍ରତି କିଲୋୱାଟ୍ ପିଛା ଟ.୪.୦୪ ଟଙ୍କା ୨୫ବର୍ଷ ପର୍ଯ୍ୟନ୍ତ ବାଣିଜ୍ୟଶୁଳ୍କ ପଦ୍ଧତିରେ ୧୦% ରିହାତି ଦାମ ସହିତ । ବର୍ତ୍ତମାନ ସୁଦ୍ଧା ଉକ୍ତପ୍ରକଳ୍ପ ର ଟ.୨୬୩.୮୩ କୋଟି ଟଙ୍କା ଖର୍ଚ୍ଚ କରିଛି ।
- ପ୍ରକଳ୍ପରୁ ଉତ୍ପାଦିତ ସମସ୍ତ ବିଦ୍ୟୁତ୍ ଶକ୍ତି ବିକ୍ରୟ ନିମନ୍ତେ ଓଡିଶା ସରକାରଙ୍କ ଗ୍ରୀଡ୍‌କୋ ସଂସ୍ଥା ସହିତ ରାଜିନାମା ସ୍ୱାକ୍ଷରିତ ହୋଇଛି ।
- ପ୍ରକଳ୍ପ ନିମନ୍ତେ ଆବଶ୍ୟକ ପ୍ରାରମ୍ଭିକ କାର୍ଯ୍ୟ ଯଥା: ମୁର୍ତ୍ତିକା ଅନୁସନ୍ଧାନ, ଭୁତଳ ଜଳ ସର୍ବେକ୍ଷଣ, ସାମାଜିକ ଅର୍ଥନୈତିକ ଅଧ୍ୟୟନ, ଭୁତତ୍ତ୍ୱ ସମ୍ବନ୍ଧୀୟ ଅଧ୍ୟୟନ, ବାହ୍ୟରେଖା ସମ୍ବନ୍ଧୀୟ, ଜଳ ନିଷ୍କାସନ, ଜଳ ବିଜ୍ଞାନ ଇତ୍ୟାଦି ସମ୍ବନ୍ଧୀୟ ସମସ୍ତ ଅଧ୍ୟୟନ ସମ୍ପୂର୍ଣ୍ଣ ହୋଇଯାଇଛି ।

- ପ୍ରକଳ୍ପ ର ସୀମା ନିର୍ଦ୍ଧାରଣ ଓ ପ୍ରାଚୀର ନିର୍ମାଣ କରିବା ପାଇଁ ଭାରତ ସରକାରଙ୍କ (WAPCOS) ସଂସ୍ଥା କୁ ନିୟୋଜିତ କରାଯାଇଛି ।
- ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ଥ ପାରିପାର୍ଶ୍ୱିକ ଅଞ୍ଚଳରେ ଆବଶ୍ୟକୀୟ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି ।
- ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ପରିବାରଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ୟାକେଜ୍ ଓ ଥଇଥାନ କଲୋନୀର ନକ୍ସା ପ୍ରଥମ RPDAC କମିଟି ରେ ଅନୁମୋଦନ ହୋଇଯାଇଛି ଏବଂ ଅତି ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି |
- ପ୍ରକଳ୍ପ ନିମନ୍ତେ ଆବଶ୍ୟକ ୮୦ କ୍ୟୁସେକ୍ ଜଳ ଯୋଗାଣ ପାଇଁ ଓଡିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ସ୍ୱୀକୃତି ପ୍ରଦାନ କରିଛନ୍ତି ।
- ପ୍ରକଳ୍ପର ଜଙ୍ଗଲ ଜମି ପରିବର୍ତ୍ତନ ପ୍ରସ୍ତାବଟି ଭାରତ ସରକାରଙ୍କର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଠାରୁ ସ୍ତର-୧ ମଞ୍ଜୁରୀ ପ୍ରାପ୍ତ କରିଅଛି ।
- ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଗଠିତ ପ୍ରବୀଣ ମନୋନୀତ କମିଟି ନିଜର ୨୭ତମ ସଭାରେ ପ୍ରକଳ୍ପର ପରିବେଶ ମଞ୍ଜୁରୀ ନିମନ୍ତେ ମନ୍ତ୍ରଣାଳୟକୁ ସୁପାରିଶ୍ କରିଛନ୍ତି ଯାହାକି ମନ୍ତ୍ରଣାଳୟରେ ବିଚାରଧୀନ ଅଛି ।
- ପ୍ରକଳ୍ପ ର ଆବଶ୍ୟକୀୟ କୋଇଲା ପରିବହନ ନିମନ୍ତେ ଭାରତ ସରକାରଙ୍କର ଅଧିନସ୍ଥ ରାଇଟ୍ସ୍ ସଂସ୍ଥା ଦ୍ୱାରା ଏକ ରେଳ ଲାଇନ୍ ପଦ୍ଧତିର ପରିକଳ୍ପନା କରାଯାଇଛି ଯାହାକି ସଦାଶିବପୁର ରେଳ ଷ୍ଟେସନରୁ ପ୍ରକଳ୍ପ ମଧ୍ୟରେ ଚାଲିବ । ଉକ୍ତ ସଂସ୍ଥା ଦ୍ୱାରା ରେଳ ଲାଇନ୍ ପଦ୍ଧତିର ପରିକଳ୍ପନା ସମ୍ବନ୍ଧୀୟ ସମସ୍ତ ତଥ୍ୟାବଳୀର ଅନୁମୋଦନ ପାଇଁ ଭାରତ ସରକାରଙ୍କର ରେଳ ମନ୍ତ୍ରଣାଳୟ ନିକଟରେ ଆବେଦନ କରାଯାଇଛି |
- ପ୍ରକଳ୍ପର ବାର୍ଷିକ ୧୨.୦୭ ମିଲିୟନ୍ ଟନ୍ କୋଇଲା ଆବଶ୍ୟକତା ରହିଛି |
- ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଭାରତ ସରକାରଙ୍କର କୋଇଲା ମନ୍ତ୍ରଣାଳୟ ଦ୍ୱାରା ତେନ୍ତୁଳୋଇ କୋଇଲା ଖଣି ଆବଣ୍ଟନ କରାଯାଇଥିଲା । ଏହା ଏକ ଅତି ନିମ୍ନ ଭୁଗର୍ଭସ୍ଥ କୋଇଲା ଖଣି ହୋଇ ଥିବାରୁ ଏଥିରୁ କୋଇଲା ଉତ୍ତୋଳନ ଅତ୍ୟନ୍ତ ବ୍ୟୟ ସାପେକ୍ଷ ସହିତ ସମୟ ସାପେକ୍ଷ ମଧ୍ୟ ଅଟେ । ଆହୁରି ମଧ୍ୟ ଏଥି ନିମନ୍ତେ ପ୍ରକଳ୍ପର ଉତ୍ପାଦନ ଖର୍ଚ୍ଚ ଅହେତୁକ ବୃଦ୍ଧି ପାଇବ । ଏହି ସବୁ ଦୃଷ୍ଟିକୋଣରୁ ଓଡିଶା ସରକାରଙ୍କ ତରଫରୁ ତେନ୍ତୁଳୋଇ କୋଇଲା ଖଣି ଆବଣ୍ଟନକୁ ବାତିଲ୍ କରି ତା ବଦଳରେ ଉପଯୁକ୍ତ କୋଇଲା ଖଣି ଆବଣ୍ଟନ କରିବା ପାଇଁ ବାରମ୍ବାର ଆବେଦନ କରାଯାଇଥିଲା | ତା.୧୦.୦୭.୨୦୧୯ ରିଖ ରେ ଭାରତ ସରକାର ତେନ୍ତୁଳୋଇ କୋଇଲା ଖଣି ଆବଣ୍ଟନକୁ ରଦ୍ଦ କରିଛନ୍ତି ଓ ଅନ୍ୟ ଏକ ଉପଯୁକ୍ତ କୋଇଲା ଖଣି ଆବେଦନ କରିବାକୁ ଉପଦେଶ ଦେଇଛନ୍ତି ଯାହାକି ଓଡିଶା ସରକାରଙ୍କ ବିଚାରଧିନ ଅଛି |

<u>ଓଡିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓ.ସି.ପି.ଏଲ୍)</u>

ଓଡିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓ.ସି.ପି.ଏଲ.), ଓଡିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ଏବଂ ଓଡିଶା ହାଇଡ୍ରୋ ପାୱାର କର୍ପୋରେସନ (ଓ.ଏଚ.ପି.ସି) ଙ୍କର ଏକ ଯୌଥ ଉଦ୍ୟୋଗ କମ୍ପାନୀ ଯେଉଁଥିରେ ଉଭୟଙ୍କର ଅଂଶଧନର ଅନୁପାତ ଯଥାକ୍ରମେ ୫୧ ଏବଂ ୪୯ ପ୍ରତିଶତ ଅଟେ । କେବଳ ଓପିଜିସିର (୪x୬୬୦) ମେଗାୱାଟ୍ ସଂପ୍ରସାରଣ ଶକ୍ତି ପ୍ରକଳ୍ପ ପାଇଁ କୋଇଲା ଯୋଗାଇବା ନିମନ୍ତେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ର ମନୋନିତ କର୍ତ୍ତୃପକ୍ଷଙ୍କ ଦ୍ୱାରା ୩୧ ଅଗଷ୍ଟ, ୨୦୧୫ ଦିନ ଓସିପିଏଲ୍ କୁ ମନୋହରପୁର ଏବଂ ଡିପ ସାଇଡ୍ ମନୋହରପୁର

କୋଇଲା ଖଣି (କୋଲ ବ୍ଲକ) ଆବଣ୍ଟନ କରାଯାଇଥିଲା । ଏହି କୋଇଲା ଖଣିଗୁଡିକ ସୁନ୍ଦରଗଡ ଜିଲ୍ଲାର ଇବ୍ ଉପତ୍ୟକା କୋଇଲା କ୍ଷେତ୍ର ଅଞ୍ଚଳରେ ଅବସ୍ଥିତ ।

ପ୍ରକଳ୍ପକାର୍ଯ୍ୟକ୍ରମ:

(କ) ମନୋହରପୁରକୋଇଲା ଖଣି:

୧.ପୁନଃନିର୍ମାଣ ଓ ପୁନଃ ଥଇଥାନ:

- ପ୍ରଥମ ପର୍ଯ୍ୟାୟ – ସୁଖବନ୍ଧଠାରେ–ମନୋହରପୁର ଗ୍ରାମର ଅନ୍ୟତ୍ର ସ୍ଥାନାନ୍ତରିତ କାର୍ଯ୍ୟ ତା.୨୩.୧୧.୨୦୧୯ ରେ ସମ୍ପୂର୍ଣ୍ଣ ହୋଇଛି ।
- ଦ୍ୱିତୀୟ ପର୍ଯ୍ୟାୟ– ହେମଗିରି ; ୧୬୫ ସ୍ଥାନାନ୍ତରିତ ପରିବାରଙ୍କ ମଧ୍ୟରୁ ୧୧୭ ଟି ପରିବାର ପୁନଃ ଥଇଥାନ କଲୋନୀକୁ ସ୍ଥାନାନ୍ତର ହେବେ ବୋଲି ସମ୍ମତି ଦେଲେ ଏବଂ ୪୮ ଟି ପରିବାର ନିଜସ୍ୱ ପସନ୍ଦ ସ୍ଥାନକୁ ସ୍ଥାନାନ୍ତରିତ ହେବେ ବୋଲି ସମ୍ମତି ଦେଲେ । ୭୩ ଟି ପରିବାର ସେମାନଙ୍କ ପାଇଁ ଆବଣ୍ଟିତ ହେବାକୁ ଥିବା ଗୃହମାନଙ୍କୁ ଦଖଲ ନେଇସାରିଛନ୍ତି ଏବଂ ଗୋଟିଏ ପରିବାର ନିଜ ପସନ୍ଦ ମୁତାବକ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛନ୍ତି ।

୨. **ଅନୁମତି ପତ୍ର / ପ୍ରତିବନ୍ଧକ ଦୂରୀକରଣ / ଅନୁରୋଧ ବା ଆଦେଶ ପାଳନ:**

- **ମନୋହରପୁର କୋଇଲା ଖଣି ଖନନ ପାଇଁ ଅନୁମତି ପ୍ରାପ୍ତ ସହିତ ଅନ୍ୟାନ୍ୟ ସମସ୍ତ ଅନୁମତି ପତ୍ର/ ପ୍ରତିବନ୍ଧକ ଦୂରୀକରଣ ମିଳିସାରିଛି ।**

୩. **ଜମି-ଘରୋଇ, ସରକାରୀ ଏବଂ ଜଙ୍ଗଲ ଜମି ଅଧିଗ୍ରହଣ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇସାରିଛି ।**

୪. **ବିତ୍ତ / ଅର୍ଥ:**

ମନୋହରପୁର କୋଇଲା ଖଣି ପ୍ରକଳ୍ପନିମିତ୍ତ 2143 କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଅଛି ।

୫. ଖଣି ପରିଚାଳନା ;- ମନୋହରପୁର କୋଇଲା ଖଣିରୁ ତା. ୧.୧୧.୨୦୧୮ ରିଖ ଠାରୁ କୋଇଲା ଉତ୍ପାଦନ ଆରମ୍ଭ ହେଲା । ନଭେମ୍ବର, ୨୦୧୯ ସୁଦ୍ଧା ୨.୫୭ ମିଲିଅନ କ୍ୟୁବିକ ମିଟର ବ୍ୟବହାର କରାଯାଇଛି ଏବଂ ୨୦୦୦୦ ଟନ କୋଇଲା ଉତ୍ପାଦିତ ହୋଇଛି ଏବଂ ପିଟ ହେଡ କୋଇଲା ଷ୍ଟକ ୟାଡରେ ଗଚ୍ଛିତ ରହିଛି । ମହାନଦୀ କୋଲଫିଲ୍ଡସ ଲିମିଟେଡକୁ ସି.ଆଇ.ଏଲ. ଦ୍ୱାରା ନିର୍ଦ୍ଧାରିତ ଦରରେ କୋଇଲା ବିକ୍ରି କରାଯିବ ବୋଲି ଯୋଜନା ରହିଛି ।

୬. **କୋଲହାଣ୍ଡଲିଂ ପ୍ଲାଣ୍ଟ (ସି.ଏଚ.ପି):**

କୋଲ ହ୍ୟାଣ୍ଡଲିଂ ପ୍ଲାଣ୍ଟର ନିର୍ମାଣ କାର୍ଯ୍ୟ ଚାଲୁରହିଛି ।

୭. **ମନୋହରପୁର ସହରୀକରଣ ଯୋଜନା:**

- ମନୋହରପୁର ସହରୀକରଣ କାର୍ଯ୍ୟ ପାଇଁ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ ପ୍ରାଇଭେଟ ଲିଃ କୁ କାର୍ଯ୍ୟାଦେଶ ଦିଆଯାଇଛି ।
- ନିର୍ମାଣ କାର୍ଯ୍ୟ ଚାଲୁରହିଛି ।

(ଖ) ଡିପସାଇଡ୍ ମନୋହରପୁର କୋଇଲା ଖଣି:

- **ମାଇନିଂଲିଜ ମଞ୍ଜୁର**;- ମାଇନିଂ ଲିଜ ମଞ୍ଜୁର ପାଇଁ ତା.୭.୨.୨୦୧୮ ରେ ଆବେଦନ କରାଯାଇଛି । ତା.୩୧.୧୦.୨୦୧୯ ରିଖରେ ପୂର୍ବ ଅନୁମୋଦନ ପ୍ରାପ୍ତ ହୋଇଛି ।
- ମନୋହରପୁର ଏବଂ ଡିପ ସାଇଡ ମନୋହରପୁରର ମାଇନ ପ୍ଲାନ ଏବଂ ମାଇନିଂ କ୍ଲୋଜର ପ୍ଲାନ ତା.୨୬.୯.୨୦୧୯ ରେ ଅନୁମୋଦନ ଲାଭ କରିଛି ।
- ସି.ବି.ଏ. (ଏ ଏବଂ ଡି) ଆକ୍ଟ ୧୯୫୭ ଧାରା-୩ ଏବଂ ଧାରା ୪(୧) ଅନୁଯାୟୀ ଡିପ ସାଇଡ ମନୋହରପୁର କୋଇଲା ଖଣି ପାଇଁ ଗେଜେଟରେ ବିଜ୍ଞାପନ ପ୍ରକାଶିତ ହୋଇଛି । କୋଇଲା ମନ୍ତ୍ରଣାଳୟକୁ ତା.୬.୧୧.୨୦୧୯ ରିଖରେ ଧାରା ୭(୧) ଅନୁଯାୟୀ ବିଜ୍ଞାପନ ପାଇଁ ଆବେଦନ କରାଯାଇଛି ।

(ଗ) ମାନବ ସମ୍ବଳ:-

ନିୟମିତ ୨୨ ଜଣ କର୍ମଚାରୀ ଏବଂ ଓପିଜିସିରୁ ଡେପୁଟେସନରେ ଆସିଥିବା ଏକ ୨୨ ଜଣିଅ। କର୍ମଚାରୀଦଳ କୋଇଲା ବ୍ଲକର ଉନ୍ନତି କାର୍ଯ୍ୟରେ ଉତ୍ସର୍ଗୀକୃତ ଭାବେ ଲାଗି ପଡିଛନ୍ତି ।

****